


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୯ ● ୧୭ ଜୁନ୍ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-139 ●17th June 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DSPL -125

# କୃଷକ ଶକ୍ତି ସମାବେଶ

## ବର୍ଷ ଏକ ଉପଲବ୍ଧି ଅନେକ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପଥରଚେପା ପଡ଼ିଆ, ବଲାଙ୍ଗିର ୧୭ ଜୁନ୍ ୨୦୨୫

### ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି

ଶ୍ରୀ ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ସାଂସଦ ଏବଂ ବିଧାୟକଗଣ, ବଲାଙ୍ଗିର ଜିଲ୍ଲା

ଓଡ଼ିଶା ସରକାର

OIPR-01510/13/0054/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଜୁନ୍ ୨୦୨୫ ମଙ୍ଗଳବାର





# ସାଲେପୁରରୁ ଧରାପଡ଼ିଲେ ୪ ଜଣିଆ ଡକାୟତ ଗ୍ୟାଙ୍ଗ

**ସାଲେପୁର, ନ୍ୟୁଜ୍**

ସାଲେପୁର ପୋଲିସକୁ ମିଳିଛି ବଡ ସଫଳତା । କଟକ ଜିଲ୍ଲା ସାଲେପୁର ଥାନା ପୋଲିସ ହାତରେ ଧରାପଡିଛନ୍ତି ୪ ଜଣିଆ ଡକାୟତ ଗ୍ୟାଙ୍ଗ । ଏମାନେ ଗତ ୧ ତାରିଖରେ ନାନ୍ଦୋଲ-ତେନ୍ତଲ ରୋଡ଼ରେ ଘର କରି ରହିଆସୁଥିବା ଶିକ୍ଷୟିତ୍ରୀ ମାନସୀ ସିଂହଙ୍କ ଘରେ ରାତି ଅଧରେ ପ୍ରବେଶ କରି ମାରଣାସ୍ତ୍ର ଦେଖାଇ ଡକାୟତି କରିଥିଲେ। ଏହାପରେ ନନ୍ଦୋଲ ଠାରେ ଏକ ପେଟ୍ରୋଲ ପମ୍ପରୁ ମଧ ସମାନ ଢଙ୍ଗରେ ଭୟଭିତ କରାଇ ୬୦ ହାଜର ଟଙ୍କା ଲୁଟ୍ କରିଥିବା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ଡକାୟତି ଘଟଣାରେ ଅଧିକ ଲୋକ ସାମିଲ୍ ଥିବା ପୋଲିସକୁ ସୁରାକ ମିଳୁଛି । ହେଲେ ଏବେ ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ପୋଲିସ । ଏମାନଙ୍କ ଭିତରେ ତିନି ପେଷାଦାର ଡକାୟତ ଥିବାବେଳେ ସେମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ନିକଟରେ ଏମାନେ ଜେଲ୍‌ରୁ ଜାମିନ୍‌ରେ ଆସିଛନ୍ତି । ଏମାନଙ୍କ ଠାରୁ ଲୁଟ୍ ସାମଗ୍ରୀକୁ କ୍ରୟ କରୁଥିବା ଜଣେ ସଦସ୍ୟ ସାମିଲ୍ ରହିଛି ।




ଗିରଫ ୩ ଅଭିଯୁକ୍ତ ମାନେ ହେଲେ ମାର୍ଶାଘାଇ ଥାନା ଜୁନା ଗ୍ରାମର ହୃଷୀକେଶ ମଲ୍ଲିକ, ଜ୍ୟୋତି ପ୍ରକାଶ ମଲ୍ଲିକ ଅନ୍ୟଜଣେ ବଡ଼ପାଳ ଗ୍ରାମର ହେମନ୍ତ ଆଚାର୍ଯ୍ୟ । ସେମାନଙ୍କ ଠାରୁ ଚୋରି ସାମଗ୍ରୀ କ୍ରୟ କରି ଆସୁଥିବା ଗ୍ୟାଙ୍ଗର ଅନ୍ୟ ସଦସ୍ୟ ହେଲେ ରାମଚନ୍ଦ୍ର ସାହୁ । ସେମାନଙ୍କ ଠାରୁ ପୋଲିସ ସୁନା ରୁପା ଅଳଙ୍କାର, ଗୋଟିଏ ବନ୍ଧୁକ, ଗୋଟିଏ ଲେଖା ଭୁଜାଲି, କଟୁରି, ବାଇକ୍ ଓ ନଗଦ ୭ ହଜାର ଟଙ୍କା ଜବତ କରିଥିବା କଟକ ଗ୍ରାମଞ୍ଚଳ ଏସ୍‌ପି ପ୍ରତୀକ ସିଂହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ତେବେ ଏହି ଗ୍ୟାଙ୍ଗର ଅନ୍ୟ ୩ ଜଣ ଏବେ ଫେରାର୍ ଅଛନ୍ତି । ପୋଲିସ ସେମାନଙ୍କ ବିଷୟରେ ସୂଚନା ପାଇଁ ତଦନ୍ତ ଚଳାଇଛି । ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି ।

# ସୁନାବେଶରେ ଦର୍ଶନ ଦେଲେ ମା’ ତାରିଣୀ

**ଘଟଗାଁ, ନ୍ୟୁଜ୍ ବ୍ୟୁରୋ**

ରଜ ସଂକ୍ରାନ୍ତିରେ ଘଟଗାଁ ମା’ ତାରିଣୀ ପୀଠ ଲୋକାରଣ୍ୟ ହୋଇଥିଲା । ରାଜ୍ୟର କୋଣଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ ପହଞ୍ଚି ମା’ ତାରିଣୀଙ୍କ ଦର୍ଶନ କରିଛନ୍ତି। ରଜ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି କରାଯିବା ସହ ମା’ଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା । ଶ୍ରଦ୍ଧାଳୁଙ୍କ ଭିଡ଼ ଯୋଗୁ ଘଟଗାଁରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିଲା । ଯାତ୍ରୀମାନେ ହନ୍ତସନ୍ତ ହୋଇଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା । ରବିବାର ଭୋର୍ ୫ଟାରୁ ପୂଜକମାନେ ମା’ଙ୍କ ମାର୍ଜନା, ବଡ଼ସିଂହାର ବେଶ, ମଙ୍ଗଳ ଆଳତି କରିବା ପରେ ସୁନାବେଶରେ ସଜ୍ଜିତ କରିଥିଲେ। ସକାଳ ୬ଟାରେ ସାଧାରଣ ଦର୍ଶନ ପାଇଁ ମୁଖ୍ୟ ଫାଟକ ଖୋଲାଯାଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ମା’ଙ୍କ ସୁନାବେଶ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମାତ୍ର ଦୁଇଟି ନଡ଼ିଆ ନେଇ ମନ୍ଦିରରେ ପ୍ରବେଶ କରିଥିଲେ। ୧୦୮ ମାନସିକ ନଡ଼ିଆ ମନ୍ଦିର ପରିସରରେ ଥିବା ଦୁଆରଶୁଣିଙ୍କ ନିକଟରେ ପୂଜା ହୋଇଥିଲା। ଲକ୍ଷାଧିକଙ୍କ ଲୋକଙ୍କ ସମାଗମ ଯୋଗୁଁ ଘଟଗାଁରେ ଟ୍ରାଫିକ୍ ଅଣାୟତ୍ତ ହୋଇଥିବା ବେଳେ ରାସ୍ତା ଜାମ୍ ଯୋଗୁଁ ଆମ୍ବୁଲାନ୍ସ ଫସି ରହିଥିଲା। ଘଟଗାଁ ବାଇପାସ୍‌ରୁ ତାରିଣୀ ପାଲାମଣ୍ଡପ ପର୍ଯ୍ୟନ୍ତ ୫୦୦ ମିଟର ରାସ୍ତାରେ ଅସମ୍ଭାଳ ଭିଡ଼ ହୋଇଥିଲା। ପର୍ଯ୍ୟଟକମାନେ ମନଇଚ୍ଛା ଗଳିକନ୍ଦିରେ ଗାଡ଼ିମୋଟର ରଖିବା ଯୋଗୁଁ ସ୍ଥାନୀୟ ଲୋକଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇଥିଲା। ଡାକବଙ୍ଗଳା ଛକ, ଉପରଡିହା ଛକ ଓ ଡାକ୍ତରଖାନା ରାସ୍ତାରେ ପରିସ୍ଥିତି ବେହାଲ ହୋଇଯାଇଥିଲା। ମନ୍ଦିରରୁ ଦର୍ଶନ ସାରି ଗାଡ଼ି ପାଖରେ ପହଞ୍ଚିବା ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗିଥିଲା। ଅପରାହ୍ଣ ତିନିଟା ପରେ ଭିଡ଼ କମିବା ସହ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

# ମୋବାଇଲ ଚୋରି କରି ଯୁବକର ଜୀବନ ଗଲା

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ଗୋଟିଏ ସାମାନ୍ୟ ମୋବାଇଲ ପାଇଁ ଯୁବକର ଜୀବନ ଯାଇଥିବା ଜଣାପଡିଛି । ଏମିତି ଅମାନୁଷିକ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଦେଦର୍ହ ଗ୍ରାମରେ । ସୂଚନା ଅନୁଯାୟୀ ଗ୍ରାମର ଅଜୟ ପଧାନ (ଅଜୁ) ଗତ ଶନିବାର ସନ୍ଧ୍ୟା ୮ଟା ସମୟରେ ସ୍ଥାନୀୟ ପୋଖରୀ ନିକଟକୁ ତାର ସାଙ୍ଗ ପ୍ରଦୀପ ମାଝୀ ସହ ଶୌଚ ପାଇଁ ଯାଇଥିଲେ । ଅଜୟ ସାଙ୍ଗକୁ ଘରକୁ ଯାଉଛି କହି ନିକଟରେ ଥିବା ମଦ କୁଚିଆ ଦୋକାନକୁ ଯାଇଥିଲା । ସେଠାରେ ଆଗରୁ କରାଦୁ ମାଝୀ (୪୫) ଏବଂ ଧରମୁ ମାଝୀ (୪୦) ବସି ମଦ ପିଉଥିଲେ । ସେମାନଙ୍କ ପାଖରେ ଥିବା ମୋବାଇଲକୁ କୌଶଳ କ୍ରମେ ଅଜୟ ଚୋରି କରି ପୋଖରୀ ଆଡି ଉପରକୁ ଧାଇଁ ପଳାଇ ଆସିଥିଲା । କରାଦୁ ଏବଂ ଧରମୁ ମୋବାଇଲ ନେଇ ପଳାଉଥିବା ଅଜୟକୁ ଗୋଡ଼ାଇ ପୋଖରୀ ଆଡି ଉପରେ ଧରି ପକେଇଥିଲେ । ଆଡି ନିକଟରେ ପ୍ରଦୀପ ମାଝୀ ଶୌଚ କରୁଥିବା ବେଳେ ଏହା ଦେଖି ସେମାନଙ୍କ ନିକଟକୁ ଆସିଥିଲା । କରାଦୁ ଏବଂ ଧରମୁ ଅଜୟର ତଣ୍ଟି ଚିପି ତାକୁ ଆଡି ଉପରୁ ପୋଖରୀକୁ ଠେଲି ଦେଇଥିଲେ । ପ୍ରଦୀପ ଏହା ଦେଖି ଅଜୟକୁ ବଞ୍ଚାଇବା ପାଇଁ ପାଣିକୁ ଓଲ୍‌ହାଇ ବାହାରକୁ ଆଣିଥିଲା । ପରେ ଅଜୟକୁ ପାଟଣାଗଡ଼ ଡାକ୍ତରଖାନାକୁ ନେଇଥିଲେ କିନ୍ତୁ ଡାକ୍ତର ସେଠାରେ ଅଜୟକୁ ମୃତ ଘୋଷଣା କରିଥିଲେ । ଘଟଣାର ଖବର ପାଇ ଖପ୍ରାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଅଭିଯୁକ୍ତକୁ ଗିରଫ କରି ଖପ୍ରାଖୋଲ ଥାନାକୁ ଆଣି ଅଧିକ ପଚରା ଉଚରା କରୁଥିବା ଜଣାପଡିଛି । ଏନେଇ ଖପ୍ରାଖୋଲ ଥାନା କେସ୍ ନଂ ୧୩୧/୨୦୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଅଧିକ ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି ।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା ଘଟଣା:୨ ଗିରଫ, ବାଇକ୍ ଓ ସାଇକେଲ ଜବତ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଲାପଡ଼ା ପଞ୍ଚାୟତର ବଇରୀକୁମ୍ଭା ନିକଟରେ ରାସ୍ତା କଡରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣଙ୍କ ମୃତଦେହ ଫିରିଙ୍ଗିଆ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି । ଏଥିସହିତ ହତ୍ୟାରେ ବ୍ୟବହୃତ ପଥର, ବାଇକ, ମୃତ ଯୁବକର ମୋବାଇଲ ଓ ସାଇକେଲକୁ ମଧ୍ୟ ଜବତ କରିଛି ଫିରିଙ୍ଗିଆ ପୋଲିସ । ପ୍ରକାଶ ଯେ, ବୁଧବାର ଜାର୍ଗୀ ପଡ଼ା ଗାଁର ପ୍ରଭାତ ମଲିକ ସକାଳ ୯ଟାରେ ଘରୁ ନିଜ ସାଇକେଲ ଧରି ବାହାରକୁଯାଇ ଫେରିନଥିଲେ। ଗୁରୁବାର ସକାଳୁ ବଇରୀକୁମ୍ଭା ନିକଟରେ ରାସ୍ତା କଡରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ ଦେହ ପଡ଼ିଥିବା ଲୋକମାନେ ଦେଖିଥିଲେ। ଫିରିଙ୍ଗିଆ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲେ। ମୃତ ଯୁବକଙ୍କ ମା’ ସସ୍ମିତା ମଲିକ ଫିରିଙ୍ଗିଆ ଥାନାରେ ପୁଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଭାବରେ ଜଣାଇଥିଲେ। ଘଟଣା ସ୍ଥଳରେ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ଅତିରିକ୍ତ ଥାନା ଅଧିକାରୀ ଦୀପକ



ରାଉତ, ଏଏସ୍‌ଆଇ ଶ୍ରୀକାନ୍ତ ପାତ୍ର ଏବଂ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲେ । ଘଟଣାସ୍ଥଳରୁ ଫିରିଙ୍ଗିଆ ପୋଲିସ ମୃତ ଯୁବକଙ୍କ ମୋବାଇଲ ସହ ହତ୍ୟାରେ ବ୍ୟବହୃତ ପଥର ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ତେବେ ପୂର୍ବ ଦିନ ମୃତ ଯୁବକର ନିଜ ଦାଦା ପୁଅ ଭାଇ ଅମର ମଲିକ (ଟେରା) ୨୫ ବର୍ଷ ଓ ଜାର୍ଗୀପଡ଼ା ଗାଁର ଗଦାଧର ମଲିକ ୩ ଜଣ ମିଶି ବୁଲାବୁଲି କରିବା ସହ ବିଭିନ୍ନ ଜାଗାରେ ମଦ ପିଇଥିଲେ। ଏହାପରେ ପ୍ରଭାତକୁ ଭୃଙ୍ଗିଯୋଡି ଛକରେ ଛାଡିଥିଲେ। ପରେ ଅମର ଏବଂ ଗଦା ୨ ଜଣ ବାଇକ୍‌ରେ ନାଥ ପଦର ଯାଇ ଜଣକ ଘରେ ପୁଣି ପ୍ରବଳ ମଦ୍ୟ ପାନ କରିଥିଲେ। ପରେ ଉଭୟେ ପ୍ରଭାତକୁ ସେଠାକୁ ଡାକିଥିଲେ । ପ୍ରଭାତ ନିଜ ସାଇକେଲ ଧରି ନାଥ ପଦର ଗାଁକୁ ଯାଇଥିଲା । ସେଠାରେ ୩ ଜଣକ ମଧ୍ୟରେ କିଛି ସମୟ ଯୁକ୍ତି ତର୍କ ହୋଇଥିଲା । ପ୍ରଭାତ ସାଇକେଲ ଜଣକ ଘରେ ରଖି ଗଦା ଓ ଅମର ପ୍ରଭାତକୁ ନିଜ ବାଇକ୍‌ରେ ବଇରୀକୁମ୍ଭା ଆଡ଼କୁ ନେଇଥିଲେ । ବଇରୀକୁମ୍ଭା ସ୍କୁଲ ନିକଟ ରାସ୍ତା କଡରେ ଗଦା ଓ ଅମର ଗାଡି ରଖିଥିଲେ। ସେଠାରେ ପ୍ରଭାତକୁ ତଳକୁ ପକାଇ ପଥରରେ ମୁଣ୍ଡକୁ ଛେଚି ହତ୍ୟା କରି ୨ ଜଣ ଘଟଣାସ୍ଥଳରୁ ଫେରାର ହୋଇଥିଲେ । ପୋଲିସ ତଦନ୍ତ ପରେ ୨ ହତ୍ୟାକାରୀକୁ ଗିରଫ କରିଥିଲା। ହତ୍ୟାରେ ବ୍ୟବହୃତ ବାଇକ୍‌କୁ ଗଦା ଘରୁ ଜବତ କରିଥିବା ବେଳେ ମୃତ ଯୁବକର ସାଇକେଲ ନାଥ ପଦର ଗାଁର କସା କହଁର ଘରୁ ଜବତ କରିଥିଲା । ଏହି ଘଟଣା ପରେ ଗଦା ଓ ଅମର କିଭଳି ପ୍ରଭାତକୁ ହତ୍ୟା କଲେ ଘଟଣା ସ୍ଥଳକୁ ଯାଇ କହିଥିଲେ । ଏହି ଘଟଣା ପରେ ଫିରିଙ୍ଗିଆ ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି । ତେବେ ମୃତ ଯୁବକ ପ୍ରଭାତର ନିଜ ଦାଦା ପୁଅ ଭାଇ ହେଲା ଅମର । ସେହିପରି ଗଦାକୁ ମଧ୍ୟ ମୃତ ପ୍ରଭାତ ନିଜ ଗାଡ଼ିରେ ହେଲ୍ପର ରଖି ଗାଡି ଶିଖାଇ ବର୍ତ୍ତମାନ ଗଦା ମଧ୍ୟ ଡ୍ରାଇଭର ହୋଇ ଗାଡି ଚଳାଉଥିଲା । ପୂର୍ବରୁ ଅମର ନିଜ ଦାଦା ପୁଅ ଭାଇକୁ ଜଙ୍ଗଲରେ ହତ୍ୟା କରି ଜେଲ୍ ମଧ୍ୟ ଯାଇ ଫେରିଥିବା ବେଳେ ପୁଣି ଏଭଳି ଜଘନ୍ୟ କାଣ୍ଡ ଘଟାଇଥିବା ବେଳେ ଗଦା ନାଁରେ ମଧ୍ୟ ହତ୍ୟା ଓ ଅପହରଣ ମାମଲା ବିଭିନ୍ନ ଥାନାରେ ଥିବା ପୋଲିସ ଠାରୁ ସୂଚନା ମିଳିଛି । ତେବେ ଏହି ହତ୍ୟା ଘଟଣା ପୂର୍ବ ଶତ୍ରୁତା ଓ ପାରିବାରିକ କଳହରୁ ହୋଇଥିବା ଜଣାପଡ଼ିଥିବା ବେଳେ କିଛି ଦିନ ପୂର୍ବରୁ ଗୋଟିଏ ବାଇକ୍ ଭାଙ୍ଗିବା ଘଟଣାକୁ ନେଇ ହତ୍ୟା କରାଯାଇଥିବା ସୂଚନା ମିଳିଛି ।



# ୪୫ ଲକ୍ଷ ଟଙ୍କାର ସୁନା-ରୁପା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଡକାୟତି ଘଟଣାର ୨୪ ଘଣ୍ଟା ପରେ ପ୍ରତିକ୍ରିୟା ରଖିଲେ ସୁନା ବ୍ୟବସାୟୀ ରାମ ଡାକୁଆ । ରାମ ଡାକୁଆ କହିବା ଅନୁଯାଇ ଲୁଟ୍ ହୋଇଥିବା ସୁନାର ମୂଲ୍ୟ ୪୫ ଲକ୍ଷ ଟଙ୍କା ସେଥିମଧ୍ୟରୁ ୧୭ଟି ସୁନା ନେକ୍‌ଲେସ୍, ୩୦ ଗୋଟି ସୁନାର ମଙ୍ଗଳସୂତ୍ର ଏବଂ ରୁପା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ । ସୂଚନା ଅନୁଯାଇ ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହକୁମା କଦୁଭାଟା ସାହିର ସୁନାବ୍ୟବସାୟୀ ରାମ ଡାକୁଆଙ୍କ ଘରେ ୭ ଜଣ ଡକାୟତ ମୁଖା ପିନ୍ଧି ଘରେ ପଶି ଗୁଳି କରି ସୁନା ରୁପା ଲୁଟ୍ କରି ନେଇଯାଇଛି । ଦୁର୍ବୃତ୍ତ ରାଇଘର ମେଡିକାଲ ଛକରେ ସୁନା ରୁପା ବ୍ୟବସାୟୀ ରାମ ଡାକୁଆ ନିଜ ଦୋକାନ ବନ୍ଦ କରି ସବୁଦିନ ପରି ସୁନା ରୁପା ଘରକୁ ନେଇ ଯାଉଥିଲେ । ଦୋକାନ ବନ୍ଦ କରି ଘରେ ପହଞ୍ଚିବା ସମୟରେ ହଟାତ୍ ଦୁର୍ବୃତ୍ତ ରାମ ଡାକୁଆ ଏବଂ ତାଙ୍କ ସ୍ତ୍ରୀକୁ ଗୁଳି କରିବା ସହ କାଠ ଠେଙ୍ଗାରେ ବାଡେଇ ଲହୁଲୁହାଣ କରି ଡକାୟତି କରିଥିବା ଜଣାପଡିଛି । ସୁନା ଦୋକାନୀ ରାମ ଏବଂ ତାଙ୍କ ସ୍ତ୍ରୀ ଆହତ ଥିବାରୁ ପ୍ରଥମେ ଦୁଇଜଣଙ୍କୁ ରାଇଘର ମେଡିକାଲରେ ଭର୍ତି କରାଯାଇଥିଲା । ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଦୁଇଜଣ ସ୍ୱାମୀ ସ୍ତ୍ରୀଙ୍କୁ ନବରଙ୍ଗପୁର ଜିଲ୍ଲା ମେଡିକାଲ୍ ପରେ ଜଗଦଲପୁର ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ବର୍ତମାନ ଦୁଇଜଣଙ୍କ ଦେହ ସୁସ୍ଥ ଥିବା ରାମ ଡାକୁଆ କହିଛନ୍ତି । ଏପଟେ ରାଇଘର ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାକୁ ଗମ୍ଭୀରତାର ସହ ନେଇ ଘଟଣାର ତଦନ୍ତ ଜାରି ରଖିଛନ୍ତି ଏବଂ ଅତିଶୀଘ୍ର ଦୋଷୀ ଧରାପଡିବେ ବୋଲି ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ କହିଛନ୍ତି।

# ବଜ୍ରପାତରେ ଆଇସିଡ଼ିଏସ୍ ପରିଦର୍ଶିକାଙ୍କ ମୃତ୍ୟୁ

**ପାଟଣା, ନ୍ୟୁଜ୍ ବ୍ୟୁରୋ**

ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୁଳି ଗ୍ରାମର ବାସିନ୍ଦା ତଥା ହରିଚନ୍ଦନପୁର ବ୍ଲକ ମୁଖ୍ୟାଳୟରେ ସମନ୍ୱିତ ଶିଶୁ ବିକାଶ ବିଭାଗରେ ପରିଦର୍ଶିକା ଭାବେ କାର୍ଯ୍ୟରତ ଶୈଳେନ୍ଦ୍ରି ନାଏକ (୫୭)ଙ୍କର ବଜ୍ରପାତରେ ଅକାଳ ବିୟୋଗ ଘଟିଛି। ନିଜ ଗ୍ରାମରେ ଘରୋଇ କାମ କରୁଥିବା ସମୟରେ ବାଡ଼ି ପଟକୁ ଯିବା ସମୟରେ ଅପରାହ୍ନରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସଙ୍କଟାପନ୍ନ ହୋଇପଡିଥିବା ଶୈଳେନ୍ଦ୍ରିଙ୍କୁ ଧରଣୀଧର ଭେଷଜ ବିଶ୍ୱବିଦ୍ୟାଳୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ତୁରୁମୁଙ୍ଗା ପୋଲିସକୁ ସୂଚନା ଦିଆଯାଇଛି।



# ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କଣ୍ଟିଆପଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଗଣପର୍ବ ରଜ ଅବସରରେ ସାରା କେନ୍ଦୁଝର ଉତ୍ସବମୁଖର ଥିବାବେଳେ କେନ୍ଦୁଝରବାସୀ ରଜମଉଜ କରିବାରେ ବ୍ୟସ୍ତ ରହିଥିବା ବେଳେ ଏକ ହୃଦୟବିଦାରୁକ କରୁଣ ଚିତ୍ର ଚର୍ଚ୍ଚାର ବିଷୟ ପାଲଟି ଯାଇଛି । କଣ୍ଟିଆପଡା ଗ୍ରାମର ମିତ୍ରଭାନୁ ବେହେରାଙ୍କ ୪୫ ବର୍ଷ ବୟସ୍କ ପୁଅ ରୟା ବେହେରାଙ୍କ ମୃତଶରୀର ଗ୍ରାମ ନିକଟରେ ଥିବା ଏକ ପୁଷ୍କରିଣୀରେ ଭାସୁଥିବାର ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ପୋଖରୀରେ ମୃତ ଦେହ ଭାସୁଥିବା ଖବର ତୁରୁମୁଙ୍ଗା ପୋଲିସକୁ ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ସହିତ ପାଟଣା ଅଗ୍ନିଶମ ବିଭାଗ ଓ କେନ୍ଦୁଝର ସାଇଣ୍ଟିଫିକ୍ ଟିମ୍ ସହିତ ସନ୍ଧାନୀ କୁକୁର ଆସି ପହଞ୍ଚି ମୃତ ଶରୀର ଉଦ୍ଧାର କରିଥିଲେ। ପୋଖରୀରେ ଭାସୁଥିବା ମୃତ ରୟା ବେହେରାଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦେଇଥିବା ଘରଲୋକେ ଅଭିଯୋଗ କରିବା ପରେ ସନ୍ଦେହ ସୃଷ୍ଟି ହେଲା । ତୁରୁମୁଙ୍ଗା ପୋଲିସ ତଦନ୍ତ ଆରମ୍ଭ କରି ଗ୍ରାମର କିଛି ବ୍ୟକ୍ତିଙ୍କୁ ଅଟକ ରଖିଥିବା ଜଣାପଡିଛି। ପୋଲିସ କୁକୁର ଓ ଅନୁସନ୍ଧାନି ଦଳ ତଦନ୍ତ କରିବା ପରେ ଖୁବ୍‌ଶୀଘ୍ର ଏହା ଏକ ହତ୍ୟା କି ଅପମୃତ୍ୟୁ ଏହାର ସତ୍ୟାସତ୍ୟ ଜଣାପଡିବ ବୋଲି କେନ୍ଦୁଝର ଜିଲ୍ଲା ପୋଲିସ ପ୍ରକାଶ କରିଛି।

# ଲୋକଙ୍କ ସରକାରରେ ଅଫିସରରାଜକୁ ସମାପ୍ତ କରାଯାଇଛି:ନଗର ଉନ୍ନୟନ ମନ୍ତ୍ରୀ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରରେ ବିଜେପି ସରକାରର ତୃତୀୟ ପାଳିର ପ୍ରଥମ ବର୍ଷପୂର୍ତ୍ତି ତଥା ରାଜ୍ୟରେ ବିଜେପି ସରକାରର ପ୍ରଥମ ବର୍ଷପୂର୍ତ୍ତି ଅବସରରେ ବାରିପଦା ହୋଲି ପ୍ୟାଲେସ୍ ଠାରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଏକ ବର୍ଷର ରିପୋର୍ଟ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଦୀର୍ଘ ବର୍ଷ ଧରି ଚାଲିଥିବା ସରକାରରେ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଭେଟ ପାଉନଥିଲେ । ଫଳରେ ରାଜ୍ୟରେ ଅଫିସର ରାଜ ଚାଲିଥିଲା । ମାତ୍ର ବିଜେପି ସରକାର ଏକ ବର୍ଷ ମଧ୍ୟରେ ଓଡ଼ିଶାରେ ଏକ ଲୋକାଭିମୁଖୀ ସରକାର ଚାଲିବାରେ ସକ୍ଷମ ହୋଇଛନ୍ତି । ଏବେ ମୁଖ୍ୟମନ୍ତ୍ରୀ ଲୋକଙ୍କ ନିକଟକୁ ଯାଉଛନ୍ତି । ଜନ ଅଭିଯୋଗ ଶୁଣାଣି ଶିବିରମାନ ଆୟୋଜନ କରି ମୁଖ୍ୟମନ୍ତ୍ରୀ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ଇତିମଧ୍ୟରେ ୮୬%ରୁ ଅଧିକ ଅଭିଯୋଗର ସମାଧାନ କରାଯାଇଛି । ଫଳରେ ରାଜ୍ୟରେ ଚାଲିଥିବା ଅଫିସର ରାଜ ସମାପ୍ତ ହୋଇଛି । ସେହିପରି ବିଜେପି ନିର୍ବାଚନ ବେଳେ ଲୋକଙ୍କୁ ଦେଇଥିବା ୨୧ଟି ପ୍ରତିଶୃତି ମଧ୍ୟରୁ ଏକ ବର୍ଷ ମଧ୍ୟରେ ୧୧ଟି ପ୍ରତିଶୃତି ପୂରଣ କରିଛି । ବାକି ଚାରି ବର୍ଷ ମଧ୍ୟରେ ସମସ୍ତ ପ୍ରତିଶୃତି ପୂରଣ କରାଯିବ । ନୂଆ ସରକାର ଶପଥ ନେବାର ଏକ ଘଣ୍ଟା ମଧ୍ୟରେ କ୍ୟାବିନେଟ ବୈଠକ ବସି ପୁରି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିବା, ଚାଷୀଙ୍କୁ ଧାନର ସରକାରୀ ମୂଲ୍ୟ ଉପରେ ୮୦୦ ଟଙ୍କାର ବୋନସ୍ ପ୍ରଦାନ କରାଯିବା, ରାଜ୍ୟର ୧ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ୍ କରି ଆର୍ଥିକ ସହାୟତା ପ୍ରଦାନ କରିବା, ରାଜ୍ୟରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା, ରାଜ୍ୟରେ ଜାତୀୟ ନୌଚାଳନା ଶିବିର, ସର୍ବ ଭାରତୀୟ ଡିଜି ସମ୍ମିଳନୀ, ପ୍ରବାସୀ ଭାରତୀୟ ସମ୍ମିଳନୀ ଆଦି ଆୟୋଜନ କରିବା, ରାଜ୍ୟର ୫୮ଟି ସବଡ଼ିଭିଜନରେ ୫୮ଟି କୋଲଡଷ୍ଟରେଜ ସ୍ଥାପନ ପାଇଁ ପଦକ୍ଷେପ, ପିଏମ କିଷାନ ଏବଂ ସିଏମ କିଷାନ ଯୋଜନାରେରେ ଚାଷୀଙ୍କୁ ସହାୟତା ପ୍ରଦାନ, ଶିକ୍ଷା




କ୍ଷେତ୍ରରେ ୧୮ ହଜାର ନୂତନ ଶିକ୍ଷକ ନିଯୁକ୍ତି, ସ୍କୁଲ ନବୀ କରଣ ପାଇଁ ଯୋଜନା ପ୍ରତିପଞ୍ଚାୟତରେ ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ନବମ ଦଶମ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ଗରିବ ଛାତ୍ରଛାତ୍ରୀଙ୍କୁ ମାଧସିଂ ହାତ ଖର୍ଚ୍ଚ ଯୋଜନା ଆଦି କରାଯାଇଥିବା ବେଳେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ୪୦୦୦ ରୁ ଅଧିକ ଡାକ୍ତର ନିଯୁକ୍ତି, ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଯୋଜନା, ପ୍ରତି ଗ୍ରାମପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ, ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମଙ୍କ ଭତ୍ତା ବୃଦ୍ଧି, ଆୟୁଷ୍ମାନ କାର୍ଡ, ଗୋପବନ୍ଧୁ ସ୍ୱାସ୍ଥ୍ୟ କାର୍ଡ ଇତ୍ୟାଦି ବହୁ ଜନକଲ୍ୟାଣକାରୀ ଯୋଜନା ମାନ କରାଯାଇଛି । ସେହିପରି ସୁରକ୍ଷା କ୍ଷେତ୍ରରେ ୧୬ ହଜାର ନିଯୁକ୍ତି ଦିଆଯାଇଛି । ନିଯୁକ୍ତି ପାଇଁ ବୟସ ବୃଦ୍ଧି କରାଯାଇ ୪୨ ବର୍ଷ କରାଯାଇଛି । କ୍ରୀଡା କ୍ଷେତ୍ରରେ ୩୧୪ ବ୍ଲକରେ ୩୧୪ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ଯୋଜନା, ନୂଆ ଶିଳ୍ପ ବସାଇବା ପାଇଁ ୨୦୭ଟି ଏମ୍‌ଓୟୁ ସାଇନ୍ ହୋଇଛି । ଓବିସିଙ୍କ ପାଇଁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ, ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ସେହିପରି ମୟୁରଭଞ୍ଜ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ତତ୍ପରତା ଦେଖାଇଛନ୍ତି । ବୁଢ଼ାମରା-ଚାକୁଳିଆ, ବାଙ୍ଗିରିପୋଷି- ଗୋରୁମହିସାଣି ଏବଂ ଟାଟା ବାଦାମ ପାହାଡ଼ ୩ଟି ରେଳ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ଜମି ଅଧିଗ୍ରହଣ ଚାଲିଛି । ସେହିପରି ବାରିପଦାରେ ବାଇପାସ ରେଳପଥ ନିର୍ମାଣ, ଦୁଆରସୁଣୀ ଘାଟି ରାସ୍ତା ପ୍ରଶସ୍ତି କରଣ, ବାରିପଦା ବୁଢ଼ାବଳଙ୍ଗ ନଦୀରେ ବହୁ ପ୍ରତିକ୍ଷିତ ଆଡିବନ୍ଧ ନିର୍ମାଣ, ଷ୍ଟେସନ ବଜାର ହାଟର ଆଧୁନିକି କରଣ ଜୁବୁଲିପାର୍କର ଉନ୍ନତି କରଣ, ପାଲବଣି ବାଇପାସ ନିକଟକୁ ବସଷ୍ଟାଣ୍ଡ ସ୍ଥାନାନ୍ତରଣ ସହ ଟାଉନବସ ପ୍ରଚଳନ, ଜିଲ୍ଲାରେ ଏକ ଗ୍ରୀନ ହାଇଡ୍ରୋଜେନ ପ୍ଲାଣ୍ଟ ସ୍ଥାପନ ଆଦି ବହୁ ପଦକ୍ଷେପ ନିଆଯାଇଛି ଏବଂ ୨୦୩୬ରେ ଗଠିତ ହେବାକୁଥିବା ବିକଶିତ ଓଡ଼ିଶାରେ ମୟୁରଭଞ୍ଜ ତଥା ବାରିପଦା ୧ନମ୍ବର ହେବବୋଲି ମନ୍ତ୍ରୀ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଜେପି ପୂର୍ବ ସଂଗଠନ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ ଅଧକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଜାତା ମୁର୍ମୁ, ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥି ପ୍ରମୁଖ ମଞ୍ଚାସୀନ ଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ / ଲଗ୍ନ ବୃହ | ଶୁ ୧ ୧ | ଶ୍ଚ ୧୦ / ଚରା ୯ |
| ୨ | ୨୪ / ୧୧ | ୮ |
| ୩ କେତୁ / ୪ | ୫ | ୭ / ୬ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୭।୬।୨୦୨୫, ଆଷାଢ଼ ଦି୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୦୮।୦୯** **ଚନ୍ଦ୍ରୋଦୟ- ରାଘ ୧୧।୧୨।୨୩**

**ଷଷ୍ଠୀ-** ଦିଘ ୨।୪୭ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ରାଘ ୧।୦୧ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ଦିଘ ୨।୪୭ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୨ ଗତେ ଘ ୬।୫୦ ମଧ୍ୟେ । ଦିଘ ୪।୪୫ ଗତେ ଘ ୫।୩୦ ମଧ୍ୟେ । **ପର୍ବୋତ୍ସବ-** ବସୁମତୀ ସ୍ନାନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ତିରୋଧାନ ଦିବସ ।



**ମେଷ:** ସମସ୍ତ ଦିଗରୁ ଆଜି ଦିନଟି ଅତି ଉତ୍ତମ । କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଭଲ କହିଲେ ମଧ ସମସ୍ତେ ତାକୁ ଖରାପ ଭାବିବେ । ଗୃହେ ଅଶାନ୍ତି ।



**ବୃଷ:** ବ୍ୟବସାୟରେ ସମସ୍ୟା ଦୂର ହେବ। ଦୂରଯାତ୍ରା କରି ସଫଳତା ଅର୍ଜନ କରିବେ । ଆୟରେ ଉନ୍ନତି ହେବ । ପାରିବାରିକ ଶାନ୍ତି ବଜାୟ ରହିବ । ଅପେକ୍ଷା କରିଥିବା ଖବରଟି ଆଜି ପ୍ରକାଶ ପାଇବ । ମନ ଭଲ ରହିବ ।



**ମିଥୁନ:** ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ବିରକ୍ତି ପ୍ରକାଶ ପାଇବ । ନିଜର ଇଚ୍ଛା ନଥିଲେ ମଧ୍ୟ ଦୂରକୁ ଯିବେ । ମନ ଅସ୍ଥିର ରହିବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ ।



**କର୍କଟ:** ମନରେ ସରସତା ରହିବନାହିଁ । ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ରହିବ । ପ୍ରତ୍ୟେକ କଥାକୁ ହାଲୁକାରେ ନେବେନାହିଁ । ପ୍ରଶଂସା ଲାଭ କରିବେ । ଆୟ ଓ ବ୍ୟୟ ସାମନ ରହିବ । ଗୃହେ ଆନନ୍ଦ ।



**ସିଂହ:** କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାକୁ ନେଇ କଳହ ସୃଷ୍ଟି ହୋଇପାରେ । ଗୃହକୁ ସୌଖିନ ଜିନିଷ ଆଣିପାରନ୍ତି । ସମ୍ମାନ ପାଇବେ । ଆୟରେ ଉନ୍ନତି ହେବ । ପାରିବାରିକ କଳହ ଦେଖାଦେବାର ସୂଚନା ।



**କନ୍ୟା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ପରିବହନ କ୍ଷେତ୍ରରେ ସମସ୍ୟା ଦୂରେଇ ଯିବ । ଆତ୍ମୀୟମାନେ ଶତ୍ରୁତା ଆଚରଣ କରିବେ । ପର ପାଇଁ ହଇରାଣ ହେବେ । ଘରେ ଆନନ୍ଦ ଓ ଶାନ୍ତି ଲାଭ ।



**ତୁଳା:** କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ମାନସିକ ଅବସ୍ଥା ଖରାପ ରହିବ । ପାରିବାରିକ ସମସ୍ୟାର ସମାଧାନ ହେବ । ବନ୍ଧୁ ଦର୍ଶନ ଲାଭ କରିବେ । ଆର୍ଥିକ ସ୍ଥିତି ଭଲ ରହିବାର ସୂଚନା ।



**ବିଛା:** ରୋଜଗାର ମଧ୍ୟମ ହେବ । ସମସ୍ତଙ୍କର ପ୍ରିୟ ପାତ୍ର ହେବେ । ପରିବାରରେ ଶାନ୍ତି ଲାଗି ରହିବ । ଯାନ୍ତ୍ରିକ ତ୍ରୁଟି ହେତୁ ଲକ୍ଷ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚିବେ । କାମରେ ସୁବିଧା ନହେବାରୁ ମନ ଭଲ ରହିବନାହିଁ ।



**ଧନୁ:** ପ୍ରତିଯୋଗିତାରେ ସଫଳତା ପାଇବେ। ସୌଖୀନ ଦ୍ରବ୍ୟ କ୍ରୟ କରିବେ । ଭାବୁଥିବା କାର୍ଯ୍ୟରେ ସଫଳତା ମିଳିବ। ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ମକର:** ଆଶାବାଦୀ ହୋଇ କାର୍ଯ୍ୟ କରିବେ । କଥାବାର୍ତ୍ତାରେ ସଂଯମ ନରଖିଲେ ବିବାଦଗ୍ରସ୍ତ ହେବେ । ମାଲିମୋକଦ୍ଦମାରେ ଶୁଭଫଳ ପାଇବେ । ଅପରାହ୍ନେ ଟେନ୍‌ସନ୍ କମିବ । ଭ୍ରମଣ ଯୋଗ । ଆୟ ସ୍ଥିର ରହିବ ।



**କୁମ୍ଭ:** ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ । ପରିବହନରେ ସମସ୍ୟା ଦୂର ହେବ । ବନ୍ଧୁ ମିଳନ ଯୋଗ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ହେବ । ପାରିବାରିକ ଶାନ୍ତି ବଜାୟ ରହିବ ।



**ମୀନ:** ମାନସିକ ସ୍ଥିତି ଭଲ ରହିବନାହିଁ । ଆଜିର ଯାତ୍ରା ସଫଳ ହେବ । କାର୍ଯ୍ୟ ହାନୀ ଘଟିବ । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ ଜଞ୍ଜାଳ ଲାଗି ରହିବ । ଦ୍ରବ୍ୟ ନଷ୍ଟ ମଧ୍ୟ ହେବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।

# ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଶିଖରପୁର ଅଞ୍ଚଳରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଜଣେ ମହିଳାଙ୍କ ପୂର୍ବତନ ସ୍ୱାମୀଙ୍କ ଆକ୍ରମଣରେ ବର୍ତ୍ତମାନର ସ୍ୱାମୀ ଆହତ । ପ୍ରଥମେ ବଚସା ପରେ ବର୍ତ୍ତମାନର ସ୍ୱାମୀ ଶିବ ଶଙ୍କରଙ୍କ ପେଟରେ ମଦ ବୋତଲ ଭାଙ୍ଗି ପୁରାଇ ଦେଇଥିଲା ପୂର୍ବତନ ସ୍ୱାମୀ ଗୋବିନ୍ଦ ପରିଡ଼ା । ଆକ୍ରମଣର ଶିକାର ହୋଇଥିବା ଯୁବକ ଓ ଅଭିଯୁକ୍ତଙ୍କ ଘର ଶିଖରପୁର ଅଞ୍ଚଳରେ। ପୂର୍ବରୁ ଦୁହିଁଙ୍କ ମଧ୍ୟରେ ଶତ୍ରୁତା ଥିବା ଜଣାପଡିଛି । ଆକ୍ରମଣର ଶିକାର ହୋଇଥିବା ଶିବଶଙ୍କରଙ୍କ ପେଟ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଏନେଇ ପୀଡିତ ଯୁବକଙ୍କ ପତ୍ନୀ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଛନ୍ତି।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୮।୬।୨୦୨୫, ଆଷାଢ଼ ଦି୪ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୦୮।୧୮** **ଚନ୍ଦ୍ରୋଦୟ- ରାଘ ୧୧।୪୮।୦୬**

**ସପ୍ତମୀ-** ଦିଘ ୧।୩୫ ପର୍ଯ୍ୟନ୍ତ । **ପୂର୍ବାଭାଦ୍ର ନକ୍ଷତ୍ର-** ରାଘ ୧୨।୨୨ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ସଂଘ ୬।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ସଂଘ ୬।୩୪ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ସଂଘ ୬।୩୪ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧।୩୫ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୦ ଗତେ ଘ ୮।୩୦ ମଧ୍ୟେ । ଦିଘ ୨।୦୧ ଗତେ ଘ ୫।୩୧ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ, ବୁଧ ସପ୍ତମୀ ସ୍ନାନ ।

୬ ଆଜି ଭାରତୀୟ ଦଳରେ ଯୋଗ ଦେବେ ଗମ୍ଭୀର





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୯ ● ୧୭ ଜୁନ୍ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-139 ●17th June 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DADLS -31

ବର୍ଷ ଏକ ଉପଲବ୍ଧି ଅନେକ

ଶିଳ୍ପ ଅଭିବୃଦ୍ଧି, ଆର୍ଥିକ ସମୃଦ୍ଧି

• ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ

• ୪.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ, ୨୦୭ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର



OIPR-15001/13/0703/2526


## ୫ ବିଭାଗରେ ୯୬୪ ଜଣଙ୍କୁ ନିଯୁକ୍ତି

# ସରକାରୀ ଓ ବେସରକାରୀ ସ୍ତରରେ ୭୩,୩୪୬ଜଣଙ୍କୁ ମିଳିଛି ନିଯୁକ୍ତି

**ଭୁବନେଶ୍ୱର, ୧୬।୬**
**ନ୍ୟୁଜ୍ ବ୍ୟୁରୋ**

ଯୁବ ଶକ୍ତି ହେଉଛନ୍ତି ଆମ ରାଜ୍ୟର ବିକାଶ ରଥର ସାରଥୀ। ଯୁବ ଶକ୍ତିଙ୍କ ଭିତରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ କରିବା ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଉଦବୋଧନ ଦେଇ କହିଛନ୍ତି।




ସୂଚନାଯୋଗ୍ୟ ଯେ, ସୋମବାର ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନଠାରେ ୫ଟି ବିଭାଗର ୯୬୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଇଥିଲା। ଏଥିରେ ପୂର୍ତ୍ତ ବିଭାଗର ୫୬୩ଟି, ଜଳ ସମ୍ପଦ ବିଭାଗର ୬୨ଟି, ପଞ୍ଚାୟିତରାଜ ଓ ପାନୀୟ ଜଳ ବିଭାଗର ୧୧୭ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୪ଟି ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ଟି ପଦବୀରେ ନିଯୁକ୍ତି ଦିଆଯାଇଛି । ଏହି ସବୁ ପଦବୀ ଗୁଡ଼ିକ ମଧ୍ୟରେ କନିଷ୍ଠ ଯନ୍ତ୍ରୀ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ, ଟ୍ରେସର, ବୈଧ ମାପ ବିଜ୍ଞାନ ନିରୀକ୍ଷକ, ଜୁନିଅର ଆକାଉଣ୍ଟାଣ୍ଟ ପଦବୀ ରହିଛି। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ *(ପୃଷ୍ଠା ୭ରେ)*

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମିଳିଲା

# ସାଇପ୍ରସର ସର୍ବୋଚ୍ଚ ନାଗରିକ ସମ୍ମାନ

**ନୂଆଦିଲ୍ଲୀ, ୧୬।୬**

ସାଇପ୍ରସର ରାଷ୍ଟ୍ରପତି ନିକୋସ କ୍ରିସଟୋଡୁଲାଇଡ୍ସ ସୋମବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ଅଫ ଦ ଅର୍ଡର ଅଫ ମକାରିଓସ ୩' ପ୍ରଦାନ କରିଛନ୍ତି। ଏହି ସମ୍ମାନ ଦୁଇ ଦେଶର ଦୀର୍ଘକାଳୀନ ମିତ୍ରତା ଓ ସହଯୋଗର ପ୍ରତୀକ ଭାବରେ ଦିଆଯାଇଛି।

ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏକ୍ସ ମାଧ୍ୟମରେ ଏହାର ଏକ ଫଟୋ ସେୟାର କରି ଏହାକୁ ଭାରତ-ସାଇପ୍ରସ ମିତ୍ରତା ଓ ସାଧାରଣ ବିଶ୍ୱଦୃଷ୍ଟିର ସମ୍ମାନ ବୋଲି କହିଛନ୍ତି। ଏହି ସମ୍ମାନ ଦୁଇ ଦେଶ ମଧ୍ୟରେ ଥିବା ସ୍ଥାୟୀ ଓ ବିଶ୍ୱାସଯୋଗ୍ୟ ସମ୍ପର୍କର ପ୍ରମାଣ।



ସମ୍ମାନ ଗ୍ରହଣ କରି ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମାନକୁ ୧୪୦ କୋଟି ଭାରତବାସୀଙ୍କୁ ସମର୍ପିତ କରିଛନ୍ତି। ସେ ସାଇପ୍ରସର ରାଷ୍ଟ୍ରପତି, ସରକାର ଓ ସାଧାରଣ ଜନତାଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ସମ୍ମାନ ଭାରତର ପ୍ରାଚୀନ ଚିନ୍ତାଧାରା 'ବସୁଧୈବକୁଟୁମ୍ବକମ୍' ପ୍ରତି ମିଳିଥିବା ଏକ ବିଶ୍ୱ ମାନ୍ୟତା , ଯାହା ଶାନ୍ତି ଓ ସମୃଦ୍ଧି ପାଇଁ ଆମର ଚେଷ୍ଟାକୁ ପ୍ରେରଣା ଦେଇଥାଏ। ସେ ଏହି ସମ୍ମାନକୁ ଭାରତ-ସାଇପ୍ରସ ସମ୍ପର୍କକୁ ଅଧିକ ମଜଭୁତ ଓ ବହୁମୁଖୀ କରିବାର ପ୍ରତିବଦ୍ଧତାର ପ୍ରତୀକ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ପୁରସ୍କାର ଦୁଇ ଦେଶର ଶାନ୍ତି, ସାର୍ବଭୌମତ୍ୱ ଓ ବିକାଶ ପ୍ରତି ଥିବା ସାମୂହିକ ନିଷ୍ଠାକୁ ଦର୍ଶାଇଥାଏ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସାଇପ୍ରସର ରାଷ୍ଟ୍ରପତି ମହାମହିମ ନିକୋସ୍ କ୍ରିଷ୍ଟୋଡୋଲିଡେସଙ୍କ ସହ ସୋମବାର ଲିମାସୋଲଠାରେ ଆୟୋଜିତ ଏକ ଗୋଲ ଟେବୁଲ ବୈଠକରେ ଉଭୟ ଦେଶର ବ୍ୟବସାୟିକ ନେତାମାନଙ୍କ ସହିତ ଆଲୋଚନା କରିଛନ୍ତି। ମୁଖ୍ୟତଃ ବ୍ୟାଙ୍କିଂ, ଆର୍ଥିକ ପ୍ରତିଷ୍ଠାନ, ଉତ୍ପାଦନ, ପ୍ରତିରକ୍ଷା, ଲଜିଷ୍ଟିକ୍ସ, ସାମୁଦ୍ରିକ, ଜାହାଜ ଚଳାଚଳ, ପ୍ରଯୁକ୍ତିବିଦ୍ୟା, *(ପୃଷ୍ଠା ୭ରେ)*

### ୨୦ରେ ଖୋଲିବ ରାଜ୍ୟର ସମସ୍ତ ସ୍କୁଲ : ମିଳିବ ମଧ୍ୟାହ୍ନ ଭୋଜନ

**ଭୁବନେଶ୍ୱର, ୧୬।୬ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୮ ତାରିଖ ନୁହେଁ, ୨୦ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ଅଙ୍ଗେ ଲାଗି ହେଲା ଫୁଲୁରିତେଲ
ପ୍ରଭୁ ଭଲ ହେବେ ଧୀରେ
ଅମାନିଆ ହେଇ ଗାଧେଇଥିଲେ
ପଡିଯାଇଥିଲେ ଜ୍ୱରେ
ଏସବୁ ତାଙ୍କ ଲୀଳାରେ
ଲୀଳାମୟ ଭଲ ହୋଇପୁଣି
ବାହାରିବେ ଯାତରାରେ।

# ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା : ଡାଇରିଆ ସ୍ଥିତିରେ ଆସୁଛି ସୁଧାର



**ଭୁବନେଶ୍ୱର, ୧୬।୬ : ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଆଶ୍ୱଥି ଏସ ଏବଂ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ଼ା. ବିଜୟ କୁମାର ମହାପାତ୍ର ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତକରି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ସେଠାକାର ପରିସ୍ଥିତି କିପରି ଅଛି ଅନୁଧ୍ୟାନ କରିଥିଲେ। ଏହି ଅବସରରେ *(ପୃଷ୍ଠା ୭ରେ)*

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦ୍ୱାରା ଷ୍ଟପ୍-ଡାଇରିଆ ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ୧୬।୬ : ନ୍ୟୁଜ୍ ବ୍ୟୁରୋ**

ବର୍ଷା ଋତୁରେ ଜଳବାହିତ ରୋଗ ଡାଇରିଆର ନିରାକରଣ ନିମନ୍ତେ ସାରା ରାଜ୍ୟରେ ଷ୍ଟପ ଡାଇରିଆ ଅଭିଯାନ ଆରମ୍ଭ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଢେଙ୍କାନାଳ ଜିଲ୍ଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ସୋମବାର ଏହି ଅଭିଯାନର ଶୁଭ ଉଦଘାଟନ୍ କରି କହିଥିଲେ ଯେ *(ପୃଷ୍ଠା ୭ରେ)*

# ୨୦୨୭ ଜନଗଣନା ପାଇଁ ଗେଜେଟ୍ ବିଜ୍ଞପ୍ତି ଜାରି

**ଭୁବନେଶ୍ୱର, ୧୬।୬ : ନ୍ୟୁଜ୍ ବ୍ୟୁରୋ**

୨୦୨୭ ମାର୍ଚ୍ଚ ୧ ରୁ ଦେଶରେ ଆରମ୍ଭ ହେବ ଜନଗଣନା। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ସୋମବାର ପ୍ରକାଶ ପାଇଛି। ଦୁଇଟି ପର୍ଯ୍ୟାୟରେ ଏହି ଜନଗଣନା କରାଯିବ। ୨୦୨୬ ଅକ୍ଟୋବର ୧ରୁ କେନ୍ଦ୍ର ଶାସିତ ଅଞ୍ଚଳ ଓ ତୁଷାରପାତ ହେଉଥିବା ରାଜ୍ୟ ବିଶେଷ କରି ଲଦାଖ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡରେ ଆଗୁଆ ହେବ ।

ଏନେଇ ଜନଗଣନା ନିର୍ଦ୍ଦେଶକ ନିଖିଳ ପଓ୍ୱନ କଲ୍ୟାଣ କହିଛନ୍ତି ମାର୍ଚ୍ଚ ୧ ୨୦୨୭ ରେ ଆସିବ ଜନ ଗଣନା ରିପୋର୍ଟ । କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଆମ ପାଖରେ ପହଞ୍ଚିଛି। ଅଧିକରୁ ଅଧିକ ମାନବ ସମ୍ବଳ ନିୟୋଜିତ ପାଇଁ କାର୍ଯ୍ୟ ଚାଲିଛି। ଜନଗଣନା ପାଇଁ ବେସିକ ଆଇଡିଆ ଅଛି। ଯାହା ନୂଆ ନିର୍ଦ୍ଦେଶ ଆସିବ, ସେନେଇ ଟ୍ରେନିଂ ଦିଆଯିବ। ଜନଗଣନା ସମୟରେ ଲୋକଙ୍କର ସବୁ ପ୍ରକାରର ତଥ୍ୟ ନିଆଯିବ। ଜନଗଣନା ଅଧିକାରୀ ଘରକୁ ଘର ଯାଇ ଗଣନା କରିବେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମୟ ଅନୁସାରେ ଜନଗଣନା କରାଯିବ। *(ପୃଷ୍ଠା ୭ରେ)*






# ଅଦିନିଆ ରଥଯାତ୍ରା ବନ୍ଦ ନ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର, ୧୬।୬ : ନ୍ୟୁଜ୍ ବ୍ୟୁରୋ**

ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ ନେଇ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ଚେତାବନୀ ଶୁଣାଇଛନ୍ତି। ଅନ୍ୟପକ୍ଷରେ ଗଜପତି ମହାରାଜା ଦିବ୍ୟସିଂହଦେବ ଏନେଇ ଗଭୀର କ୍ଷୋଭବ୍ୟକ୍ତ କରିବା ସହ ଇସ୍କନକୁ ଚିଠି ଲେଖି ଏପରି ଆୟୋଜନ ନ କରିବାକୁ ବାରଣ କରିସାରିଥିବା ଆଇନ୍‌ମନ୍ତ୍ରୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ନୂଆପଡ଼ାରେ ଏହିପରି ଆୟୋଜନ ହେଉଥିବା ଜଣାପଡ଼ିବା ପରେ ଆମେ ତାହାକୁ ବନ୍ଦ କରି ସାରିଛୁ । ଅନ୍ୟ କୌଣସି ସ୍ଥାନରେ ଏହା ବନ୍ଦ ନ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇନ୍ ମନ୍ତ୍ରୀ କହିଛନ୍ତି। *(ପୃଷ୍ଠା ୭ରେ)*

ପ୍ରଭାତୀୟ
31 YEARS
ସମ୍ବାଦ କଳିକା

# ୨୦୨୮ ମଧ୍ୟରେ ଭାରତରେ ଅତିଧନୀ ସଂଖ୍ୟା ବଢ଼ିବ

୨୦୨୩ ଏବଂ ୨୦୨୮ ମଧ୍ୟରେ ଭାରତରେ ଅତିଧନୀ ବା ହାଇ ନେଟ୍‌ୱର୍ଥ ଇଣ୍ଡିଭିଜୁଆଲ (ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ)ଙ୍କ ସଂଖ୍ୟା ୫୦% ବଢ଼ିବ । ଏହା ସମଗ୍ର ବିଶ୍ୱରେ ହେବ ଦ୍ରୁତ ଅଭିବୃଦ୍ଧି । ମ୍ୟାକ୍‌କିନ୍‌ସେ ଆଣ୍ଡ୍ କମ୍ପାନି ଏବଂ ବିଓଏଫ୍ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଏହି ଅନୁମାନ କରାଯାଇଛି ।

୩ କୋଟି ଡଲାର ବା ତଦୁର୍ଦ୍ଧ ନେଟ୍ ସମ୍ପତ୍ତି ଥିବା ବ୍ୟକ୍ତିଙ୍କୁ ଅତିଧନୀ କୁହାଯାଇଥାଏ। ୨୦୨୩ ସୁଦ୍ଧା ଭାରତରେ ଏହି ବର୍ଗଙ୍କ ସଂଖ୍ୟା ଥିଲା ୧୩,୨୬୩ । ୨୦୨୨ ତୁଳନାରେ ଏଥିରେ ୬.୧% ବୃଦ୍ଧି ଘଟିଥିଲା । ଦ ଷ୍ଟେଟ୍ ଅଫ୍ ଫ୍ୟାଶନ୍ ଲକ୍‌ଜ୍ୟୁରୀ ରିପୋର୍ଟ ଅନୁସାରେ, ଜନସଂଖ୍ୟା ଏବଂ ସଂରଚନାତ୍ମକ ପରିବର୍ତ୍ତନଗୁଡ଼ିକ ଦ୍ୱାରା ୨୦୨୫ରେ ଭାରତୀୟ ଲକ୍‌ଜ୍ୟୁରୀ ବଜାରରେ ୧୫ରୁ ୨୦% ଅଭିବୃଦ୍ଧି ଅନୁମାନ ରହିଛି । ଏହା ମୁତାବକ ଜିଓ ୱାର୍ଲଡ ପ୍ଲାଜା ଏବଂ ଗ୍ୟାଲେରିଜ୍ ଲାଫାୟେଟ୍ ଭଳି ନୂଆ ଲକ୍‌ଜ୍ୟୁରୀ ମଲ୍ ଏବଂ ଡିପାର୍ଟମେଣ୍ଟାଲ ଷ୍ଟୋର ଟିୟର ୱାନ୍ ସହରରେ ଲକ୍‌ଜ୍ୟୁରୀ ରିୟଲ୍ ଇଷ୍ଟେଟ୍‌କୁ ବଢ଼ାଉଛି । ଏଥିରେ ଆହୁରି କୁହାଯାଇଛି ଯେ, ଯଦିଓ ବିଳାସ ସାମଗ୍ରୀରେ ୨୮% ସାମଗ୍ରୀ ଏବଂ ସେବା ଟିକସ ବା ଜିଏସ୍‌ଟି ରହିଛି ତଥାପି ୭,୦୦,୦୦୦ ଟଙ୍କା ବା ୮,୪୦୦ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟର ଆମଦାନି ସାମଗ୍ରୀଗୁଡ଼ିକ ଉପରେ ବର୍ଦ୍ଧିତ ଟିକସ ଦ୍ୱାରା ଘରୋଇ ବ୍ୟୟ ବଢିବ । ଏହା ଲକ୍‌ଜ୍ୟୁରୀ ବଜାରକୁ ତ୍ୱରାନ୍ୱିତ କରିବ ।

ରିପୋର୍ଟ ମୁତାବକ, ଭାରତ ତୁଳନାରେ ଜାପାନର ଲକ୍‌ଜ୍ୟୁରୀ ବଜାରରେ ୨୦୨୫ରେ ୬ରୁ ୧୦% ଅଭିବୃଦ୍ଧି ଦେଖାଦେବ । ଏଥିସହିତ ଏକ ପ୍ରମୁଖ ଲକ୍‌ଜ୍ୟୁରୀ ବଜାର ଭାବେ ଜାପାନ ଏହାର ସ୍ଥାନ ବଜାୟ ରଖିବ । ଜାପାନର ଲକ୍‌ଜ୍ୟୁରୀ ବଜାରରେ ବୃଦ୍ଧି ଘରୋଇ ଚାହିଦା ଏବଂ ପର୍ଯ୍ୟଟନ ଖର୍ଚ୍ଚ ଉଭୟ ଦ୍ୱାରା ପ୍ରେରିତ ହେବ । ନିକଟରେ ନୀତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ ଘୋଷଣା କରିଥିଲେ ଯେ, ଭାରତ ଜାପାନଠାରୁ ପାର ହୋଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା ପାଲଟିଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ତଥ୍ୟକୁ ଦର୍ଶାଇ ସେ କହିଥିଲେ ଯେ, ଭାରତର ଅର୍ଥବ୍ୟବସ୍ଥା ୪ ଟ୍ରିଲିୟନ ଡଲାରରେ ପହଞ୍ଚିଯାଇଛି । ରିପୋର୍ଟ ଅନୁସାରେ, ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ ବା ଅତିଧନୀ ଜନସଂଖ୍ୟାରେ ଜାପାନ ଏସିଆର ଦ୍ୱିତୀୟ ବୃହତ୍ ରାଷ୍ଟ୍ର । ୨୦୨୩ରୁ ୨୦୨୮ ମଧ୍ୟରେ ଏଠାରେ ଅତିଧନୀଙ୍କ ସଂଖ୍ୟା ୧୨% ବଢ଼ିବା ନେଇ ଅନୁମାନ କରାଯାଇଛି । ଅନ୍ୟପକ୍ଷରେ, ଭାରତରେ ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ ଅଭିବୃଦ୍ଧି ଜାପାନଠାରୁ ଅଧିକ ରହିବ । ଆଇଏମ୍‌ଏଫ୍‌ର ବିଶ୍ୱ ଅର୍ଥନୈତିକ ଦୃଶ୍ୟପଟ ରିପୋର୍ଟର ଏପ୍ରିଲ ସଂସ୍କରଣରେ କୁହାଯାଇଥିଲା ଯେ, ଆର୍ଥିକବର୍ଷ ୨୦୨୫- ୨୬ ପାଇଁ ଭାରତର ନୋମିନାଲ ଜିଡିପି ପ୍ରାୟ ୪.୧୮୭ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚିପାରେ । ଏହା ଜାପାନର ସମ୍ଭାବ୍ୟ ଜିଡିପିଠାରୁ ସାମାନ୍ୟ ଅଧିକ, ଯାହାର ଅନୁମାନ ରହିଛି ୪.୧୮୬ ଟ୍ରିଲିୟନ ଡଲାର । ରିପୋର୍ଟରେ କୁହାଯାଇଛି ଯେ, ଗତ ୫ ବର୍ଷରେ ଲକ୍‌ଜ୍ୟୁରୀ ଶିଳ୍ପ ଅସାଧାରଣ ମୂଲ୍ୟସୃଜନ ଅବଧିକୁ ଅନୁଭବ କରିଛି। ୨୦୧୯ ଏବଂ ୨୦୨୩ ମଧ୍ୟରେ ଭାରତରେ ବ୍ୟକ୍ତିଗତ ଲକ୍‌ଜ୍ୟୁରୀ ସାମଗ୍ରୀ, ଫ୍ୟାଶନ୍, ହ୍ୟାଣ୍ଡ୍‌ବ୍ୟାଗ୍, ହାତଘଡ଼ି ଏବଂ ଆଭୁଷଣର ବୃହତ୍ ଚାହିଦା ଦେଖିବାକୁ ମିଳିଛି । ଚାହିଦା ଅନୁସାରେ ଯୋଗାଣ ବୃଦ୍ଧି ସହିତ ଏହା ଆଗକୁ ବାର୍ଷିକ ୫% ଚକ୍ରବୃଦ୍ଧି ଅଭିବୃଦ୍ଧି ସହ ବଢ଼ିବ ବୋଲି ଅନୁମାନ କରାଯାଇଛି । ଲକ୍‌ଜ୍ୟୁରୀ ବ୍ରାଣ୍ଡ୍‌ଗୁଡ଼ିକ ବିଶ୍ୱ ବଜାରରେ ଉତ୍ତମ ପ୍ରଦର୍ଶନ କରିଛନ୍ତି ଏବଂ ବୃହତ୍ ମାତ୍ରାରେ ଲାଭ ଯୋଡ଼ିଛନ୍ତି । କିନ୍ତୁ ୨୦୨୫ରେ ଏଯାବତ୍ ଶିଳ୍ପ ସାମାନ୍ୟ ଧୀମା ରହିଛି । ଶୀର୍ଷ ବ୍ରାଣ୍ଡଗୁଡ଼ିକ ବି ପ୍ରଭାବିତ ହୋଇଛନ୍ତି । ଲକ୍‌ଜ୍ୟୁରୀ ମୂଲ୍ୟ ସୃଜନ କମିଛି । ଏହାସତ୍ତ୍ୱେ ଆଗକୁ ଲକ୍‌ଜ୍ୟୁରୀ ବଜାରରେ ବଡ଼ ଧରଣର ପରିବର୍ତ୍ତନ ଆସିବ ବୋଲି ଅନୁମାନ କରାଯାଇଛି ।

# ହାତରେ ମୋ ମୁଠା ମୁଠା ଶରଧା ବାଲି



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଶ୍ରଦ୍ଧାରେ ମୁଠାଏ ବାଲି ଧରିପକାଇଲେ ଶ୍ରଦ୍ଧାରୁ ଝରିପଡ଼େ ଶୁଚିଶୀଳତା, ରମ୍ୟତା, ଧୀଶକ୍ତିଯୁକ୍ତ ଆବେଗ ଆଉ ବାଲିମୁଠାକ ରୂପାନ୍ତରିତ ହୋଇଯାଏ ବିଭୂତିରେ, ଯେଉଁଥିରୁ ଝରିପଡ଼େ ବରାଭୟ, ଆନନ୍ଦ, ଲାଳିତ୍ୟର ଈଶ୍ୱରୀୟ ଆଲୋକ । ନଈ ବା ସମୁଦ୍ର ପଠାରେ ବାଲି ଉପରେ ବସି ବା ଠିଆହୋଇ ଆକାଶ କି ନଈ କି ସମୁଦ୍ରକୁ ଚାହିଁଲେ ମନ ଭିତରେ ଚିନ୍ତନର ବିପୁଳ ଦିଗନ୍ତର ଉନ୍ମୋଚନ ହୁଏ । ଶୈଶବ ଅବସ୍ଥାରେ ବାଲିଘର ଗଢ଼ିବା, ଭାଙ୍ଗିବା, ବାଲି ଉପରେ ଦୌଡ଼ିବା, ବସିବା, ଖେଳିବାର ବିବିଧ ପ୍ରକ୍ରିୟା ଶିଶୁ ମନରେ ବରାଭୟ, ଆନନ୍ଦ, ଲାଳିତ୍ୟ, ଈଶ୍ୱରୀୟ ଆଲୋକର ଧୀର ପ୍ରବେଶ କରାଉଥାଏ । ଅନନ୍ତ କୋଟି ପ୍ରଣିପାତ ଜଣାଇବା ସେହି ପୂର୍ବସୂରୀମାନଙ୍କୁ ଯେଉଁମାନେ ଐଶୀ ଆଶିଷ ବଳରେ ଶ୍ରୀମନ୍ଦିର, ପତିତପାବନ ବାନା, ନୀଳ ଶଇଳ, ରତ୍ନବେଦୀ, ଚତୁର୍ଦ୍ଧା ମୂର୍ତ୍ତି, ଆନନ୍ଦ ବଜାର, ବାଇଶି ପାହାଚ, ନରେନ୍ଦ୍ର ପୁଷ୍କରିଣୀ, ସ୍ନାନ ମଣ୍ଡପ, ବଡ଼ ଦାଣ୍ଡ, ମହାପ୍ରସାଦ, ଘୋଷଯାତ୍ରା, ଗୁଣ୍ଡିଚା, ମଣ୍ଡପ, ଶରଧାବାଲି ଭଳି ଦିବ୍ୟ ଶବ୍ଦଗୁଡ଼ିଏ ସର୍ଜନା କରିଗଲେ।

ସଭକ୍ତି ପ୍ରଣାମ କରିବା ସେମାନଙ୍କୁ ଯେଉଁମାନେ ପ୍ରାର୍ଥନା କରିଗଲେ, 'ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ' କିମ୍ବା ଆନନ୍ଦରେ ବିହ୍ୱଳ ହୋଇ ଗାଇଗଲେ 'ହାତରେ ମୋ ମୁଠା ମୁଠା ଶରଧା ବାଲି' । ସତରେ ବଡ଼ଦାଣ୍ଡର ଧୂଳିରେ ଥାଏ କ'ଣ ? ଶରଧା ବାଲିରେ ଥାଏ କ'ଣ ? ବଡ଼ଦାଣ୍ଡର ଧୂଳି ଦେହରେ ବୋଲି ହେଇଗଲେ ଦେହରୁ ଦିବ୍ୟ ଦୀପ୍ତି ଝରିଯାଏ, ଶରଧାବାଲିରୁ ମୁଠାଏ ଧରିପକେଇଲେ ହାତମୁଠାରେ ମମତାର ଅନନ୍ତ ଐଶ୍ୱର୍ଯ୍ୟ ଭରିଯାଏ । ବୋଧହୁଏ ସତେ ଯେପରି ହାତ ଦୁଇଟି ପ୍ରଲମ୍ବିତ ହୋଇଯାଉଛି ସମସ୍ତ ବିଶ୍ୱବାସୀଙ୍କୁ ଆଲିଙ୍ଗନ କରିବାକୁ । ଆଦିଶଙ୍କର କହିଲା ଭଳି, 'ପ୍ରଭୁ, ମୁଁ ରାଜ୍ୟ, କନକ, ମାଣିକ୍ୟ, ବିଭବ କିଛି ମାଗୁନାହିଁ', ସାଧାରଣ ଭକ୍ତଟିଏ କହେ, 'ଶରଧାବାଲିରୁ ହାତେ ମାଗୁଛି ପ୍ରଭୁ !'

ଶ୍ରୀଜଗନ୍ନାଥ-ସଂସ୍କୃତି ଧୂଳି, ବାଲିକୁ କରିଛି ଜୀବନମୟ, ଧୂଳିଧୂସରିତ ବଡ଼ଦାଣ୍ଡକୁ କରିଛି ବ୍ରହ୍ମମୟ, ବାଲିକୁ କରିଛି ଶ୍ରଦ୍ଧାମୟ, ଜୀବକୁ ପରମମୟ, ପରମକୁ ଜୀବମୟ, ଜୀବ ଓ ପରମର ସଂଯୋଗକୁ ଅମୃତମୟ । କ୍ଷୁଦ୍ର ବାଲିକଣାରେ ଭକ୍ତ ଅନୁଭବ କରିଛି ବ୍ରହ୍ମାଣ୍ଡର କର୍ଣ୍ଣଧାର ପରମ ପୁରୁଷ, ପୁରୁଷୋତ୍ତମଙ୍କ ବିପୁଳ ସତ୍ତାକୁ । ସାମାନ୍ୟ ଧୂଳିକଣାରେ ବି ନିହିତ ଅଛି ଅସାମାନ୍ୟ ବୈଶ୍ୱିକ ବୈଚିତ୍ର୍ୟ, ଯାହାର ଚୁମ୍ବକୀୟ ଆକର୍ଷଣରେ ସାଧୁସନ୍ଥମାନେ ସମବେତ ହୋଇଛନ୍ତି ବଡ଼ଦାଣ୍ଡର ବୈକୁଣ୍ଠ ଭୂମିରେ, ଧୂଳିବାଲିରେ ଅବଗାହିତ ହୋଇଛି ସେମାନଙ୍କ ସାଧନସିଦ୍ଧ ଅବୟବ । ନରେନ୍ଦ୍ର ପୁଷ୍କରିଣୀରେ ଅଙ୍ଗ ପ୍ରକ୍ଷାଳନ କରି ସେମାନଙ୍କ ବହୁ ଜନ୍ମର ଶ୍ରମ ସାର୍ଥକ ହୋଇଛି, କୃତାର୍ଥ ହୋଇଛନ୍ତି ସେମାନେ ।

ତିନି ରଥ ବଡ଼ଦାଣ୍ଡରେ ଗଡ଼ିଗଡ଼ି ଗଲାବେଳେ ଦାଣ୍ଡର ଦୁଇ ପାର୍ଶ୍ୱରେ ତୁଙ୍ଗ ଅଟ୍ଟାଳିକାର ଛାତ ଉପରେ ଚିତ୍ରିତ ଚାନ୍ଦୁଆ ତଳେ ସମାଜର କିଛି ପ୍ରଭୁତ୍ୱସମ୍ପନ୍ନ ପ୍ରତିପତ୍ତିଶାଳୀ ଲୋକେ ଦେହରକ୍ଷୀଙ୍କ ଗହଣରେ ସୁକୋମଳ ଆସନରେ ବସି ମହାବାହୁଙ୍କ ଯାତ୍ରା ଦେଖୁଥାଆନ୍ତି ସିନା, ସାଧାରଣ ମଳିମୁଣ୍ଡିଆ ଭକ୍ତଟିଏ ଆକାଶ-ଚାନ୍ଦୁଆ ତଳେ ବଡ଼ଦାଣ୍ଡ-ଆସନରେ ଠିଆହୋଇ ଶ୍ରୀବିଗ୍ରହମାନଙ୍କ ଶ୍ରୀମନ୍ତ ରୂପକୁ ଦର୍ଶନ କରୁଥାଏ, ଆଉ ଆଖିରୁ ଲୁହ ଝରାଇ କହୁଥାଏ, 'ମହାପ୍ରଭୁ ! ତୁମ ଆକାଶ ଭଳି ଚାନ୍ଦୁଆ ସଂସାରରେ ସବୁଠାରୁ କମନୀୟ, ତୁମ ବଡ଼ଦାଣ୍ଡ ଭଳି ଆସନ ସଂସାରରେ ସବୁଠାରୁ ସୁଖଦାୟୀ, ତୁମେ ହିଁ ଆମ ସମସ୍ତଙ୍କର ରକ୍ଷାକର୍ତ୍ତା, ମହାପ୍ରଭୁ ! ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରଙ୍କର ସ୍ରଷ୍ଟା ତୁମେ, ସାରା ସଂସାରକୁ ଚଳାଉଛ ତୁମେ, ଅଥଚ କି ଆଶ୍ଚର୍ଯ୍ୟ କଥା ଇଏ ସତରେ, ଆଜି ତୁମ ରଥ-ଦଉଡ଼ିକୁ ଧରି ଆମେ ତୁମକୁ ଚଳାଇନେଉଛୁ ମାଉସୀ ମା' ଘରକୁ, ସେଠି ତୁମେ ସାତ ଦିନ ରହିବ, ଇହଲୋକ, ଭୂବର୍ଲୋକ, ସ୍ୱର୍ଲୋକ, ମହର୍ଲୋକ, ଜନଲୋକ, ତପଲୋକ, ସତ୍ୟଲୋକ ଏପରି ସପ୍ତଲୋକରେ ପରିକ୍ରମା କରିବ ।' ଭକ୍ତମାନେ ଏହିପରି ପ୍ରେମ-ଭକ୍ତି ନିବେଦନ କରୁଥିବା ସମୟରେ ସତେ ଯେପରି ବୋଧହୁଏ ମହାଭାବର କମ୍ପନ ଖେଳିଯାଉଛି ବଡ଼ଦାଣ୍ଡର ବାୟୁମଣ୍ଡଳରେ । ଅନତିଦୂରସ୍ଥ ଶରଧାବାଲିର ଅଣୁ ପରମାଣୁରେ ସଂଚରି ଯାଉଛି ପୁରୁଷୋତ୍ତମଙ୍କ ଦିବ୍ୟଲୀଳାର ସୀମାହୀନ ଶକ୍ତି ।

ଶରଧାବାଲିରୁ ଶ୍ରଦ୍ଧାର ଭାବ ସମ୍ପ୍ରସାରିତ ହୋଇଯାଉଛି ସମଗ୍ର ବିଶ୍ୱରେ । ମହାପ୍ରଭୁ ସତକୁ ସତ କହୁଛନ୍ତି, 'ପରସ୍ପର ପ୍ରତି ଶ୍ରଦ୍ଧାଳୁ ହୁଅ। ପରସ୍ପର ମଧ୍ୟରେ ଶ୍ରଦ୍ଧାର ଭାବ ବିନିମୟ କର । ଶ୍ରଦ୍ଧାରୁ ଶାନ୍ତି, ସଦ୍‌ଭାବର ସର୍ଜନା । ଶ୍ରଦ୍ଧା ହିଁ ଜୀବନର ଜ୍ୟୋତ୍ସ୍ନା, ଜଗତ୍‌ର ଜ୍ୟୋତି, ଜାହ୍ନବୀର ଜଳ, ପଞ୍ଚଭୂତର ସଂଯୋଗ ସେତୁ, ବେଦର ବିଭୂତି, ଉପନିଷଦର ଉଚ୍ଚାରଣ, ଗୀତାର ଜ୍ଞାନ, ଭାଗବତର ଭାବ, ରାମାୟଣର ପାରାୟଣ, ମହାଭାରତର ସୈଦ୍ଧାନ୍ତିକ କଥନ, ସକଳ ବ୍ରହ୍ମାଣ୍ଡୀୟ ଶକ୍ତିର ଆଧାରଶିଳା, ସକଳ ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟର ପ୍ରୋଜ୍ଜ୍ୱଳ ପ୍ରତିଭୂ ।'

ଶ୍ରୀଜଗନ୍ନାଥ-ସଂସ୍କୃତିର ମାନବୀୟ ଆବେଦନ, ଶ୍ରଦ୍ଧା ନିବେଦନ ପ୍ରତିଫଳିତ ହୋଇଛି ପୃଥିବୀର ସମସ୍ତ ଭାଷାର ସାହିତ୍ୟରେ, ଶାସ୍ତ୍ରରେ । ଭକ୍ତ ସାଲବେଗ କହନ୍ତି, 'ଜାତିରେ ମୁଁ ଯବନ / ଶ୍ରୀରଙ୍ଗାଚରଣ ତଳେ କରୁଅଛି ଜଣାଣ', କବିସମ୍ରାଟ ଭଞ୍ଜଙ୍କ ଭାଷାରେ, 'ସ୍ୱପଚକରୁ ବ୍ରାହ୍ମଣ ତହିଁ ପାଇ ଅନ୍ନ' । ଏଭଳି ଉକ୍ତିଗୁଡ଼ିକରେ ସମଦର୍ଶିତା, ସମଭିବ୍ୟାହାର, ସହାବସ୍ଥାନର ଭାବ ସୁସ୍ପଷ୍ଟ । ପୁରୀ ଶ୍ରୀକ୍ଷେତ୍ରର 'ପାଥରପୁରୀ' ବାସଭବନରେ ଅବସ୍ଥାନ କାଳରେ ବିଶ୍ୱକବି ରବୀନ୍ଦ୍ରନାଥ ଲେଖିଥିଲେ କେତୋଟି କବିତା, ଯାହା ସଂକଳିତ ହୋଇଛି ତାଙ୍କ 'ଗୀତାଞ୍ଜଳି' ପୁସ୍ତକରେ । ଗୋଟିଏ କବିତାରେ ସେ ଲେଖିଥିଲେ, 'ଯୁକ୍ତ କର ହେ ସବାୟ ସଙ୍ଗେ ମୁକ୍ତ କରହେ ବନ୍ଧ / ସଞ୍ଚାର୍ କର୍ ସକଳ୍ କର୍ମେ ଶାନ୍ତ ତୋମାୟ ଛନ୍ଦ', ଯେଉଁଥିରେ ରହିଛି ସବୁ ମଣିଷଙ୍କ ସହିତ ଯୁକ୍ତ ହୋଇ ରହିବାର ଆବେଗ ଓ ଆସ୍ପୃହା, ପ୍ରତ୍ୟୟ ଓ ପ୍ରାର୍ଥନା । ବୋଧ ହେଉଛି ସତେ ଯେପରି ଶରଧାବାଲିରୁ ସେହି ବିଶ୍ୱାସ ଓ ବରାଭୟର ସ୍ୱର ଊର୍ଦ୍ଧ୍ୱଗାମୀ ହୋଇ ସମଗ୍ର ବ୍ୟୋମମଣ୍ଡଳରେ ସଂଚରି ଯାଇଛି, ସମଗ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତକୁ, ମାଟିରୁ ମହାକାଶକୁ ଏକ ମୁଗ୍ଧ ମଧୁର ଭାବରେ, ମହାଭାବରେ ଆଚ୍ଛନ୍ନ କରିଛି।

ଆଜି ଆମେ ଯେଉଁଠି ବଡ଼ଦାଣ୍ଡ ଦେଖୁଛନ୍ତି, ସୁଦୂର ଅତୀତରେ ସେଠି ମାଳିନୀ ନାମକ ଛୋଟ ନଈଟିଏ ଥିଲା । କ୍ରମଶଃ ନଈଟିକୁ ପୋତି ଦିଆଯାଇ ବଡ଼ଦାଣ୍ଡ ତିଆରି ହେଲା । ନଈରେ ଥିଲା ବାଲି, ଏବେ ବଡ଼ଦାଣ୍ଡରେ ଧୂଳି । ଶରଧାବାଲିରେ ଧୂଳି ଆଉ ବାଲି । ସମୁଦ୍ରରେ ବାଲି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷର ଜୀବନ ଏହି ବାଲି ଆଉ ଧୂଳିର ମହକରେ ଭରା । ପାଶ୍ଚାତ୍ୟ କବି ଟି.ଏସ୍.ଇଲିୟଟ୍ କହନ୍ତି, 'ନଈ ହେଉଛି ବ୍ରାଉନ୍ ରଙ୍ଗର ଦେବତା ।' ନଈ-ବାଲିର ରଙ୍ଗକୁ ଦେଖି ଇଲିୟଟ୍ ଏପରି କହିଥିଲେ କି ସତେ ! ଅନ୍ୟତ୍ର ସେ କହନ୍ତି, 'ଆମ ଭିତରେ ନଈ ଅଛି, ଆମ ଚାରିପଟରେ ସମୁଦ୍ର ଅଛି ।' 'ନଈ' ଆତ୍ମାର, 'ସମୁଦ୍ର' ପରମାତ୍ମାର ପ୍ରତୀକ । ନଈ ଯେପରି ସମୁଦ୍ର ଅଭିମୁଖେ ପ୍ରବାହିତ ହେଉଛି, ଆତ୍ମା ସେପରି ପରମାତ୍ମା ଅଭିମୁଖେ ନିତ୍ୟ ଗତିଶୀଳ । ପୁଣି ବ୍ୟାସଦେବ କହନ୍ତି, 'ଆତ୍ମା ନଦୀ, ସଂଯମ ପୁଣ୍ୟତୀର୍ଥା, ସତ୍ୟୋଦକା, ଶୀଳତଟା, ଦୟୋର୍ମିଃ' । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ କି ଚମତ୍କାର ସାମଞ୍ଜସ୍ୟ ସତରେ ! ଉଇଲିୟମ୍ ବଟ୍‌ଲର୍ ୟେଟ୍ସ, ହେନରୀ ଲଙ୍ଗ୍‌ଫେଲୋ, ମ୍ୟାକ୍‌ନିସ୍, ଏଡ୍‌ୱାର୍ଡ୍ ଏଭେରେଟ୍ ହିଲ୍ ପ୍ରମୁଖଙ୍କ କବିତା ପଢ଼ିଲେ ଆମ ଅନ୍ତଃକରଣରେ ପରମେଶ୍ୱରଙ୍କ ସ୍ୱର ପ୍ରତିଧ୍ୱନିତ ହେଲା ଭଳି ବୋଧ ହୁଏ । ପ୍ରାଚ୍ୟ ଆଉ ପାଶ୍ଚାତ୍ୟରୁ ଭକ୍ତମାନେ ଆସି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ, ଶରଧାବାଲିରେ, ସମୁଦ୍ର ବେଳାଭୂମିରେ (ସିନ୍ଧୁତଟେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରାଜ - କବିସମ୍ରାଟ ଭଞ୍ଜ) ଘଡ଼ିଏ ଠିଆହେଲେ କି ବସିପଡ଼ିଲେ ସେମାନଙ୍କ ଅନ୍ତରର ଗହନ ଦେଶରେ ଜୀବ-ପରମର ସନ୍ଦେଶ ଶୁଣାଯାଉଥାଏ କି ! ଏହିପରି ହିଁ ବୋଧ ହେଉଥାଏ ।

ଭାବରେ ତଲ୍ଲୀନ ଭକ୍ତ ତେଣୁ ପ୍ରାର୍ଥନା କରୁଛି, 'ମହାପ୍ରଭୁ ! ହାତରେ ମୋର ମୁଠାମୁଠା ଶରଧାବାଲି ଧରିଛି । ବାଲିକଣାର କ୍ଷୁଦ୍ରତା ମତେ ନିରହଂକାର ହବାକୁ ଶିକ୍ଷା ଦେଉଛି । ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ କରିଛି । ଦେହରୁ ମୋର ବିନ୍ଦୁ ବିନ୍ଦୁ ହୋଇ ଜଳ ଝରିପଡୁଛି । ପୁଷ୍କରିଣୀ ଜଳରାଶିର ସମୋଚ୍ଚଶୀଳତା ମତେ ସମଦର୍ଶନ ଶିକ୍ଷା ଦେଉଛି । ବଡ଼ଦାଣ୍ଡର ଧୂଳି ଦେହରେ ବୋଲି ହେଇଛି । ଦାଣ୍ଡର ବ୍ୟାପ୍ତି ମତେ ପ୍ରଶସ୍ତ ହୃଦୟବତ୍ତା, ଧୂଳିର ଊର୍ଦ୍ଧ୍ୱ ଉଡ଼ାଣ ଚେତନାର ଊର୍ଦ୍ଧ୍ୱଗମନ ଶିକ୍ଷା ଦେଉଛି । ନିରହଂକାର ସ୍ୱଭାବ, ସମଦର୍ଶନ, ପ୍ରଶସ୍ତ ହୃଦୟବତ୍ତା, ଚେତନାର ଊର୍ଦ୍ଧ୍ୱଗମନ ଇତ୍ୟାଦିର ସମନ୍ୱୟ ମତେ ସମଗ୍ର ମନୁଷ୍ୟ-ଜାତି ପ୍ରତି ଶ୍ରଦ୍ଧାଶୀଳ କରିଛି । ତୁମେ ମୋର ଅତି ନିଜର, ଏକାନ୍ତ ଆପଣାର ବୋଲି ମନୁଷ୍ୟ-ସମୁଦାୟ ମୋର ଏତେ ପ୍ରିୟ ହୋଇପାରିଛି ସତରେ ମହାପ୍ରଭୁ !'

# ଓଡ଼ିଆ ଅସ୍ମିତାର ଜନନାୟକ ଗୋପବନ୍ଧୁ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ସେବାକୁ ଜୀବନର ଚରମ ବ୍ରତ ଭାବେ ଗ୍ରହଣ କରି ଜନକଲ୍ୟାଣରେ ନିଜକୁ ଉତ୍ସର୍ଗ କରିଥିବା କେତେଜଣ ମହାମାନବଙ୍କ ମଧ୍ୟରେ ଗୋପବନ୍ଧୁ ଥିଲେ ଅନ୍ୟତମ। ଓଡ଼ିଆ ଅସ୍ମିତା ତଥା ଗର୍ବ ଓ ଗୌରବର ପ୍ରତୀକ ତଥା ଉତ୍କଳର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ପିତା ଦୈତାରି ଦାସ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ ଯୋଗଜନ୍ମା ଉତ୍କଳର ମଉଡ଼ମଣି ଗୋପବନ୍ଧୁ ଦାସ । ଜନ୍ମର ଅଳ୍ପ ଦିନ ମଧ୍ୟରେ ମାତା ସ୍ୱର୍ଣ୍ଣମୟୀଙ୍କର ଅକାଳ ବିୟୋଗ ଘଟିଥିଲା । ଦୈତାରିଙ୍କ ବିଧବା ଭଉଣୀ କମଳାଦେବୀ ଗୋପବନ୍ଧୁଙ୍କ ଲାଳନପାଳନ ଦାୟିତ୍ୱ ନେଇଥିଲେ । ଗୋପବନ୍ଧୁ ନିଜର ବାଲ୍ୟଶିକ୍ଷା ନିଜ ଗ୍ରାମରେ ସମାପନ କରିଥିଲେ । ପରେ ୧୮୯୩ ମସିହାରେ ପୁରୀଜିଲ୍ଲା ସ୍କୁଲରେ ଅଧ୍ୟୟନ କଲେ । ପୁରୀର ଦଇତାପଡା ସାହିର ମୁକ୍ତାର ରାମଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଶିକ୍ଷାଲାଭ କଲେ । ଗୋପବନ୍ଧୁଙ୍କ ଜୀବନ ଉପରେ ରାମଚନ୍ଦ୍ରଙ୍କର ପ୍ରଭାବ ଖୁବ୍ ଗଭୀର ଭାବରେ ପଡ଼ିଥିଲା। ନିଜର ନିଷ୍ଠା, ଅଧ୍ୟବସାୟ ଯୋଗୁଁ ସେ ଜଣେ ଉତ୍ତମ ଛାତ୍ର ରୂପେ ବିବେଚିତ ହେଲେ । ଛାତ୍ର ଅବସ୍ଥାରୁ ସେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସେବାମୂଳକ ଗଠନାତ୍ମକ କାର୍ଯ୍ୟରେ ସର୍ବଦାଲିପ୍ତ ରହୁଥିଲେ । କେତେଜଣ ଛାତ୍ରବନ୍ଧୁମାନଙ୍କୁ ନେଇ ସେ 'ପୁରୀ ସେବା ସମିତି' ନାମରେ ଏକ ସ୍ୱେଚ୍ଛାସେବୀ ଦଳ ଗଠନ କରିଥିଲେ । ରଥଯାତ୍ରାରେ ଯାତ୍ରୀମାନଙ୍କ ସୁବିଧା ଅସୁବିଧା, ହଇଜାରେ ମୃତ୍ୟୁବରଣ କରୁଥିବା ଲୋକମାନଙ୍କର ଶବସତ୍କାର ଏବଂ ରୋଗୀମାନଙ୍କର ସେବା ଶୁଶ୍ରୁଷା କରୁଥିଲେ । ଛାତ୍ରାଜୀବନରୁ ସେ ନିଜକୁ ସେବା କାର୍ଯ୍ୟରେ ନିୟୋଜିତ କରିଥିଲେ । ରେଭେନ୍ସା କଲେଜରେ ପଢୁଥିବା ବେଳେ ଗୋପବନ୍ଧୁ ସଙ୍ଗସାଥୀମାନଙ୍କୁ ନେଇ କଟକରେ ଗୋଟିଏ ସମିତି ସ୍ଥାପନ କରିଥିଲେ । ଏହାର ନାମଥିଲା 'କର୍ତ୍ତବ୍ୟ ବୋଧିନୀ'। ଏହି ସମିତି ଜରିଆରେ ସେ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ । ୧୯୦୯ ମସିହାରେ ସେ ସତ୍ୟବାଦୀର ବକୁଳ ଛୁରିଆନା କୁଞ୍ଜରେ ସ୍ଥାପନ କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ। ଏହା ଥିଲା ଏକ ମଣିଷ ତିଆରି କାରଖାନା । ଛାତ୍ର ମାନଙ୍କୁ ସାଧାରଣ ଶିକ୍ଷା ଦିଆଯିବା ସଙ୍ଗେ ସଙ୍ଗେ ସେବାକାର୍ଯ୍ୟ ଏବଂ ବୃତ୍ତି ଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା ।



ଗୋପବନ୍ଧୁ ମାନବ ସେବାକୁ ମାଧବ ସେବା ବୋଲି ଭାବୁଥିଲେ । ନିଜକୁ ସର୍ବଦା ଦରିଦ୍ର ନାରାୟଣଙ୍କ ସେବାରେ ନିୟୋଜିତ କରୁଥିଲେ । ଉତ୍କଳକୁ ସେ ଏକ ପରିବାର ଏବଂ ଉତ୍କଳବାସୀଙ୍କୁ ସେ ନିଜର ଭାଇ ବନ୍ଧୁ କୁଟୁମ୍ବ ବୋଲି ମନେ କରୁଥିଲେ । ସମସ୍ତଙ୍କ ମୁଖରେ ହସ ଫୁଟାଇବା ପାଇଁ ନିଜ ଜୀବନକୁ ତିଳ ତିଳ କରି ପ୍ରଜ୍ୱଳିତ କରିଥିଲେ । ସେବା ଓ ତ୍ୟାଗ ଥିଲା ତାଙ୍କ ଜୀବନର ବଞ୍ଚିବାର ପ୍ରକୃତ ମାର୍ଗ । କର୍ମହିଁ ଜୀବନର ମାନଦଣ୍ଡ। କର୍ମହିଁ ଶାଶ୍ୱତ ଏବଂ ଚିରନ୍ତନ ଏ କଥାକୁ ଗୋପବନ୍ଧୁ ମର୍ମେ ମର୍ମେ ଅନୁଭବ କରୁଥିଲେ। ଏହାକୁ ସେ ନିଜର କବିତା ମାଧ୍ୟମରେ ଦର୍ଶାଇଥିଲେ ।

'ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।'

ସେବା, ସଂଗ୍ରାମ, ସଂସ୍କାର, ସ୍ନେହ, କରୁଣା ଓ ତ୍ୟାଗର ପ୍ରତୀକ ଥିଲେ ଉତ୍କଳର ମଉଡ଼ ମଣି ଗୋପବନ୍ଧୁ ଦାସ । ଓଡିଆ ଭାଷା ସାହିତ୍ୟ ଓ ଜାତୀୟ ଜୀବନରେ ସତେ ଯେପରି ସେ ଥିଲେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ସରଳ ଜୀବନଯାପନ ଓ ପରୋପକାର ଥିଲା ତାଙ୍କ ଜୀବନର ଆଦର୍ଶ । ଦେଶ, ଜାତି, ସମାଜ କଥା ସର୍ବଦା ଚିନ୍ତା କରୁଥିଲେ । ନିଃସ୍ୱାର୍ଥପର ସେବାପାଇଁ ତାଙ୍କୁ 'ଉତ୍କଳମଣି' ଉପାଧିରେ ସମ୍ମାନିତ କରାଯାଇଥିଲା । ବନ୍ୟା, ଦୁର୍ଭିକ୍ଷ, ମହାମାରୀ ଆଦି ଅନେକ ବିପତ୍ତି ବେଳେ ସାଧାରଣ ଜନତାଙ୍କ ସେବା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଏମିତିକି ସେ ନିଜର ପିତାମାତା, ପୁତ୍ର, ପତ୍ନୀ ସମସ୍ତଙ୍କୁ ହରାଇ ମଧ୍ୟ ସେବାର ମାର୍ଗରୁ ବିଚ୍ୟୁତ ହୋଇନଥିଲେ । ଗୋପବନ୍ଧୁ ମାନବସେବା, ଶିକ୍ଷା, ସାହିତ୍ୟ, ଦେଶସେବା ସବୁ କ୍ଷେତ୍ରରେ ଥିଲେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ । ଗାନ୍ଧିଜୀଙ୍କ ଭଳି ସେ ଥିଲେ ସତ୍ୟାଗ୍ରହୀ, ସଂଗ୍ରାମୀ ଓ ଦେଶସେବକ । ଗୋପବନ୍ଧୁ ଥିଲେ ଅହିଂସାର ପୂଜାରୀ । ଗାନ୍ଧୀଙ୍କ ନୀତିର ସେ ଦୃଢ଼ ପ୍ରଚାରକ ଥିଲେ । ଅହିଂସା ମାଧ୍ୟମରେ ହିଁ ସ୍ୱାଧୀନତା ମିଳିପାରିବ ଏହାର ତାଙ୍କର ବିଶ୍ୱାସ ଥିଲା । ଗୋପବନ୍ଧୁ ଦାସ ଏକାଧାରରେ ଥିଲେ ଜଣେ ଶିକ୍ଷକ, ସଂସ୍କାରକ, ଦାର୍ଶନିକ, ସେବକ, ଲେଖକ ଏବଂ ରାଜନୀତିଜ୍ଞ। ସେ ଥିଲେ ଉଦାର ହୃଦୟର ବ୍ୟକ୍ତି । ଧନ ଓ କ୍ଷମତାଠାରୁ ଗୋପବନ୍ଧୁ ସାଧୁତା ଚରିତ୍ରବତ୍ତାକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଗୋପବନ୍ଧୁ ବନ୍ୟାଞ୍ଚଳର ଦରିଦ୍ର ଜନତାଙ୍କର କରୁଣ ଚିତ୍କାରର ଅନ୍ତସ୍ୱରକୁ ଉପଲବ୍ଧି କରିଥିଲେ । ଦେଶବାସୀଙ୍କ ହିତରେ ଏବଂ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ ନିଜର ପୁତ୍ରକୁ ରୋଗ ଶଯ୍ୟାରେ ଛାଡ଼ିଦେଇ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କର ସେବା କରିବାପାଇଁ ଚାଲିଯାଇଥିଲେ । ୧୯୧୯ର ଦୁର୍ଭିକ୍ଷ ସମୟରେ ସେ ଲୋକମାନଙ୍କୁ ଯଥେଷ୍ଟ ସାହାଯ୍ୟ କରୁଥିଲେ । ଗୋପବନ୍ଧୁ ଥିଲେ ଓଡ଼ିଶାରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଯୁଗ ପ୍ରବର୍ତ୍ତକ । ମହାତ୍ମା ଗାନ୍ଧିଙ୍କ ଆହ୍ୱାନରେ ସେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଭାରତର ମୁକ୍ତି ସଂଗ୍ରାମରେ ନିଜକୁ ଢାଳି ଦେଇଥିଲେ । ଜାତୀୟ କଂଗ୍ରେସର ଜାତୀୟ ଆନ୍ଦୋଳନକୁ ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇଥିଲେ ଗୋପବନ୍ଧୁ । ମଣିଷ ପଣିଆରେ ସେ ଥିଲେ ପୁରୁଷୋତ୍ତମ । ଜୀବନକୁ ତିଳ ତିଳ କରି ଜନସେବାରେ ଉତ୍ସର୍ଗ କରିଥିଲେ । ଅହିଂସା ଓ ଅସହଯୋଗ ଆନ୍ଦୋଳନର ପ୍ରସାର ପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ । ଦେଶ ତଥା ଜାତିର ମୁକ୍ତିପାଇଁ ସେ ଅନେକ ଥର କାରାବରଣ କରିଥିଲେ ।

ଗୋପବନ୍ଧୁ ୧୯୨୮ ମସିହା ଜୁନ୍ ମାସ ୧୭ ତାରିଖରେ ଏ ଧରା ପୃଷ୍ଠରୁ ବିଦାୟ ନେଇ ସ୍ୱର୍ଗପଥର ଯାତ୍ରୀ ହୋଇଥିଲେ । ଉତ୍କଳ ମାତାର ଯୋଗ୍ୟତମ ସୁତ ନିର୍ଭୀକ ମହାପୁରୁଷ ଗୋପବନ୍ଧୁ ସମସ୍ତଙ୍କୁ ଶୋକ ସାଗରରେ ଭସାଇଦେଇ ଇହଧାମ ତ୍ୟାଗ କଲେ । ଉତ୍କଳ ଜନନୀ ତା'ର ବରପୁତ୍ରକୁ ହରାଇଲା । ମାତ୍ର ୫୧ ବର୍ଷ ସ୍ୱଳ୍ପକାଳୀନ ଜୀବନ ସୀମା ଭିତରେ ସେ ଯେଉଁ କର୍ମ କରିଯାଇଛନ୍ତି, ତାହା ତାଙ୍କୁ ଚିର ଦିନ ପାଇଁ ଅମର କରି ରଖିବ । ସେ ଥିଲେ ଯଥାର୍ଥରେ 'ଉତ୍କଳମଣି' ଏବଂ ଉତ୍କଳର 'ନବଯୁଗର ଜନକ'। ମାନବ ସେବା ଯେ ମାଧବ ସେବା ଏକଥା ସେ ସମଗ୍ର ଜାତିକୁ ନିଜର ସେବା ଓ ତ୍ୟାଗ ମାଧ୍ୟମରେ ଶିଖାଇଦେଇଗଲେ । ଆଜିର ଯୁବ ସମାଜ ଗୋପବନ୍ଧୁଙ୍କ ଜୀବନ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ପ୍ରଦର୍ଶିତ ପଥ ଅନୁସରଣ କଲେ ଓଡ଼ିଶା ବିକାଶ ପଥରେ ଯଥେଷ୍ଟ ଆଗେଇ ପାରିବ ।

# ଅଲାରନାଥ ହିଁ ପରମବ୍ରହ୍ମ ଜଗନ୍ନାଥ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଜ୍ୟେଷ୍ଠ ମାସରେ ଜଗନ୍ନାଥଙ୍କ ଜନ୍ମ ଦିବସରେ ଯେଉଁ ମହାସ୍ନାନ ଅନୁଷ୍ଠିତ ହୋଇଥାଏ ତାକୁ ମହାସ୍ନାନ ବା ସ୍ନାନପୂର୍ଣ୍ଣିମି କୁହାଯାଏ। ରୌଦ୍ରତାପରୁ ନିସ୍ତାର ପାଇବା ପାଇଁ କୋଟି ଓଡିଆର ମଉଡମଣି ଜଗତର ନାଥ ଜଗନ୍ନାଥ ବଡ ଭାଇ ଓ ଭଉଣୀ ସହିତ ୧୦୮ ଗରା ପାଣିରେ ସ୍ନାନ କରି ଜ୍ୱରରେ ପଡିବାରୁ ପନ୍ଦର ଦିନ ପାଇଁ ମହାପ୍ରଭୁ ଅନବସର ଗୃହରେ ରହି ବିଭିନ୍ନ ଆର୍ଯୁବେଦ ଚିକିତ୍ସାରେ ଚିକିତ୍ସିତ ହୁଅନ୍ତି। ବଡ ଆଶ୍ଚର୍ଯ୍ୟ ର କଥା ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକ ଓ ଅନନ୍ତ ଲୀଳାର ଅଧିକାରୀ ତାଙ୍କୁ ପୁଣି ଜ୍ୱର ହୁଏ। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଜଗନ୍ନାଥ ମାନବ ବାଦର ପ୍ରତୀକ। କପିଳ ସଂହିତା କୁହେ 'ମନୁଷ୍ୟ ତୁଲେ ଲୀଳା ଯା'ର / ଦେବେ ମାନବେ ଅଗୋଚର'। ଯାହାଙ୍କ ଲୀଳା ବୁଝିବାକୁ ଦେବତାଗଣ ସକ୍ଷମ ନୁହଁନ୍ତି ଛାର ମନୁଷ୍ୟ ବା କିପରି ତାଙ୍କ ଲୀଳାକୁ ବୁଝିବ? ସ୍କନ୍ଦ ପୁରାଣ ଅନୁସାରେ ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କର ଯେଉଁ ସ୍ନାନ ବିଧି ଅନୁଷ୍ଠିତ ହୋଇଥାଏ ତାହା ଦେବସ୍ନାନ ପୂର୍ଣ୍ଣମୀ ନାମରେ ଖ୍ୟାତ। ଏହିଦିନ ମହାପ୍ରଭୁ ସ୍ନାନ ସାରି ଦାକ୍ଷିଣାତ୍ୟର ଭକ୍ତ ଗଣପତି ଭଟ୍ଟଙ୍କ ଅଭିଷ୍ଟ ପୁରଣ ପାଇଁ ତାଙ୍କୁ ତଥା ସମସ୍ତ ଭକ୍ତ ମାନଙ୍କୁ ଗଜ ବେଶରେ ଦର୍ଶନ ଦିଅନ୍ତି। ରାତ୍ର ସମୟରୁ ପ୍ରଭୁଙ୍କୁ ଜ୍ୱର ହେବାରୁ ପ୍ରଭୁ ଅଣସର ପିଣ୍ଡିକୁ ବିଜେ କରନ୍ତି ଏବଂ ପ୍ରଭୁଙ୍କର ଅବକାଶ ପ୍ରାୟ ୧୩ ଦିନ ଧରି ସ୍ୱତନ୍ତ୍ର ପୂଜା ତାଙ୍କର ପ୍ରିୟ ପରିଜନ ଦଇତା ସେବକଙ୍କ ଦ୍ୱାରା ସମାହିତ ହୋଇଥାଏ। ଏହି ତେର ଦିନ ଧରି ମହାପ୍ରଭୁ ଭକ୍ତମାନଙ୍କୁ ସାକ୍ଷାତ ଦର୍ଶନ ଦିଅନ୍ତି ନାହିଁ। ଶ୍ରୀକ୍ଷେତ୍ରରେ ତଥା ଶ୍ରୀକ୍ଷେତ୍ର ପଞ୍ଚକୋଶୀ ଶ୍ରୀଜଗନ୍ନାଥ ପ୍ରାଣ ଭକ୍ତ ବୃନ୍ଦ ପ୍ରଭୁଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳିତ ହେବାରୁ ସ୍ୱୟଂ ଚତୁର୍ଦ୍ଧା ବିଗ୍ରହ ଶ୍ରୀଜଗନ୍ନାଥ, ଶ୍ରୀଅଲାରନାଥ ତଥା ବ୍ରହ୍ମନାରାୟଣ ଭାବରେ ନୀଳଗିରିରୁ ଆସି ବ୍ରହ୍ମଗିରି ଧାମରେ ଭକ୍ତଗଣଙ୍କୁ ସାକ୍ଷାତ ଦର୍ଶନ ଦେଇଥାନ୍ତି। ତେବେ ଇତିହାସ ଓ ପୁରାଣ ପୃଷ୍ଠାକୁ ଓଲଟାଇଲେ ଜଣାପଡେ ନୀଳକନ୍ଦର ଶ୍ରୀକ୍ଷେତ୍ରଧାମର ପଶ୍ଚିମ ଭାଗରେ ଯେଉଁ ପବିତ୍ର ଧାମ କାହିଁ କେଉଁ ଅନାଦି କାଳରୁ ବିଦ୍ୟମାନ୍, ତାହା 'ବ୍ରହ୍ମଗିରି' ନାମରେ ପ୍ରସିଦ୍ଧ। ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଲୀଳାବତାର ପ୍ରଭୁ ଶ୍ରୀ ଅଲାରନାଥ ଏଠାରେ ବିରାଜିତ। ସ୍କନ୍ଦ ପୁରାଣ ବର୍ଣ୍ଣିତ ଅନୁସାରେ ବ୍ରହ୍ମା ଶ୍ରୀମନ୍ଦିର ନିର୍ମାଣ କରିବା ନିମିତ୍ତ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ଏହି କ୍ଷେତ୍ରରେ ଧ୍ୟାନସ୍ଥ ହେଲେ। ତେଣୁ ବ୍ରହ୍ମାଙ୍କ ତପସ୍ୟା ସ୍ଥଳୀ ପରବର୍ତ୍ତୀ କାଳରେ 'ବ୍ରହ୍ମଗିରି' ନାମକୁ ବହନ କରି ଜଗତରେ ପ୍ରସିଦ୍ଧି ଲାଭ କରିଛି। ସ୍ନାନପୂର୍ଣ୍ଣମୀଠାରୁ ଉଭା ଅମାବାସ୍ୟା ଯାଏ ଦୀର୍ଘ ପନ୍ଦର ଦିନ ବ୍ରହ୍ମଗିରି ଶ୍ରୀ ଶ୍ରୀ ଅଲାରନାଥଙ୍କ ନିମିତ୍ତ ଭକ୍ତମାନଙ୍କ ଗହଳିରେ ଚଳଚଞ୍ଚଳ ହୋଇ ଉଠେ। ସୁଦୂର ଦାକ୍ଷିଣାତ୍ୟରୁ ଆସିଥିବା ଆଲବନ୍ଦାର ଆଚାର୍ଯ୍ୟ ବ୍ରହ୍ମଗିରିରେ ଚତୁର୍ଦ୍ଧାମୂର୍ତ୍ତିକୁ ଦର୍ଶନ ପୂର୍ବକ ଆପଣାର ପ୍ରାଣ ବିସର୍ଜନରୁ କ୍ଷାନ୍ତ ହୋଇଥିଲେ। ଫଳରେ ଏହି ଚତୁର୍ଦ୍ଧା ମୂର୍ତ୍ତି ନାରାୟଣ ଆଲବରନାଥ ବା ଅଲାରନାଥ ନାମରେ ପ୍ରସିଦ୍ଧି ଲାଭ କଲେ। ଦୁଇ ମହାନ ଭକ୍ତ ଆଲବରନାଥ ଓ ଚୈତନ୍ୟଙ୍କ ପାଇଁ ଏହି ପୀଠର ମହାତ୍ମ୍ୟ ବହୁଗୁଣିତ ହୋଇଛି ।

ଏହି ଅଲାରନାଥ ମନ୍ଦିରର ପ୍ରତିଷ୍ଠା ସମ୍ବନ୍ଧରେ ଅନେକ କଥା ଶୁଣିବାକୁ ମିଳିଥାଏ। ଅନେକଙ୍କ ମତରେ ନବମ ଶତାବ୍ଦୀରେ ରାଜା ଚତୁର୍ଥ ଭାନୁଦେବ ଏହାକୁ ନିର୍ମାଣ କରିଥିଲେ। ଆଉ କେହି କେହି କହନ୍ତି ଯେ ମନ୍ଦିରଟି ଆଗରୁ ଥିଲା ଏବଂ ଦ୍ୱାଦଶ ଶତାବ୍ଦୀରେ ରାମାନୁଯାଚାର୍ଯ୍ୟ ଏହାର ପୁର୍ନନିର୍ମାଣ କରିଥିଲେ। ଭବାନୀ ଚରଣ ବନ୍ଦୋପଧ୍ୟାୟଙ୍କ 'ଶ୍ରୀ ପୁରୁଷୋତ୍ତମ ଚନ୍ଦ୍ରିକା' ଓ ମାଦଳାପାଞ୍ଜି ଅନୁଯାୟୀ ଅନଙ୍ଗଭୀମ ଦେବଙ୍କ ଭ୍ରାତା ମଦନ ମହାଦେବ ଏହାକୁ ନିର୍ମାଣ କରିଥିଲେ। ମାତ୍ର ସ୍ୱନାମଧନ୍ୟ ଐତିହାସିକ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ମହାରାଜା ଅନଙ୍ଗଭୀମ ଦେବ ଅଲାରନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ। ତାଙ୍କ ମତରେ ମହାରାଜା ଅନଙ୍ଗଭୀମ ଦେବ ଓ ତାଙ୍କ ପଟ୍ଟମହିଷୀ କାଞ୍ଚିଯାତ୍ରା କରି ସେଠାରେ ରାମାନୁଜପନ୍ଥୀ 'ଆଲବାର' ମାନଙ୍କୁ ନିମନ୍ତ୍ରଣ କରି ଉତ୍କଳକୁ ଆଣିଥିଲେ। ସେମାନଙ୍କ ପାଇଁ ପୁରୀର ଅଦୂରବର୍ତ୍ତୀ ବ୍ରହ୍ମଗିରିଠାରେ ଅଲାରନାଥ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ। ଶ୍ରୀମଦ୍ ଭଗବତ ଗୀତାରେ କୁହାଯାଇଛି- 'ଯେ ଯଥାମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ, ମମବର୍ତ୍ତାନୁବର୍ତ୍ତନ୍ତେ ମନୁଷ୍ୟା ପାର୍ଥ ସର୍ବଶଃ। ଅର୍ଥାତ ଭକ୍ତ ବିନୋଦିଆଙ୍କୁ ଭକ୍ତ ଯେଉଁ ରୂପରେ କଳ୍ପନା କରେ ସେ ତାଙ୍କୁ ସେହି ରୂପରେ ଦର୍ଶନ ଦେଇ ତାହାର ଅଭିଳାଷକୁ ସାର୍ଥକ କରିଥାି । ଏହି ଅଲାରନାଥ ମନ୍ଦିର ଟି ୩ ଭାଗରେ ବିଭକ୍ତ- ଗର୍ଭଗୃହ, ଜଗମୋହନ ଓ ନାଟମନ୍ଦିର। ଗର୍ଭଗୃହଟି ୧୦.୬୭ ଗୁଣନ ୯.୧୪୪ ମି ଓ ଉଚ୍ଚତା ୨୪.୩୮ ମି.ଓ ଜଗମୋହନ ଉଚ୍ଚତା ୧୫.୨୪ ମି। ଗର୍ଭ ଗୃହର ମଧ୍ୟଭାଗରେ ସିଂହାସନ ଓ ତାର ଚାରି ପାଖରେ ପ୍ରଦକ୍ଷିଣ ରାସ୍ତା ଅଛି । ଏହାର ସିଂହାସନ ଓ ମୂର୍ତ୍ତି ଗୋଟିଏ ପଥରରେ ନିର୍ମିତ ହେବାର ଜଣାଯାଏ। ମୂର୍ତ୍ତିଟିର ଉଚ୍ଚତା ୧.୬୮ ରୁ ୧.୮୦ ମି ଓ ସିଂହାସନ ଉଚ୍ଚତା ୨.୧୩ ମି ହେବ। ମାଟି ତଳେ ମଧ ୨.୧୩ ମି ପୋତା ହୋଇଥିବା ଜଣାଯାଏ। ଏହା ଏକ ସୁକ୍ଷ୍ମ କାରୁକାର୍ଯ୍ୟ ସମ୍ବଳିତ ପ୍ରଭା ଓ ତୋରଣ ମଧ୍ୟରେ ଶ୍ରୀ ଅଲାରନାଥ ମୂର୍ତ୍ତିଟି ଚତୁର୍ଭୁଜ ନାରାୟଣ ରୂପରେ ଦଣ୍ଡାୟମାନ। ଅଲାରନାଥଙ୍କ ଶ୍ରୀଚରଣ ତଳେ ବିଷ୍ଣୁଙ୍କ ବାହନ ପକ୍ଷୀରାଜ ଗରୁଡ ଉପବେଶନ ମୁଦ୍ରାରେ ଯୋଡହସ୍ତ ପ୍ରାର୍ଥନା କରୁଛି । ଏହି ମନ୍ଦିର ଚତୁଃପାର୍ଶ୍ୱରେ ପ୍ରାୟ ୭୩ ଟି ବିଗ୍ରହ ଅଛନ୍ତି। ଏହି ଅଲାରନାଥ ମୂର୍ତ୍ତି ଏବଂ ପାଶ୍ଚାତ ଭାଗରେ କଳାମୁଗୁନି ପଥରର କାରୁକାର୍ଯ୍ୟପୂର୍ଣ୍ଣ ମେଢ ଗୋଟିଏ ପଥରରେ ଗଢା ସିଂହାସନ ଉପରେ ଏହି ଶିଳାମୂର୍ତ୍ତିଟି ଓଡିଶାରେ ଅଦ୍ୱିତୀୟ। ଏହି ଅଲାରନାଥଙ୍କର ପ୍ରିୟ ଭୋଗ କ୍ଷିରୀ। ଭକ୍ତି ପ୍ରେମର ମୂକସାକ୍ଷୀ ଏ ପୀଠ। ଶ୍ରୀଜଗନ୍ନାଥଙ୍କୁ ଆପଣାର ଚତୁର୍ଦ୍ଧାମୂର୍ତ୍ତି ମାଧ୍ୟମରେ ଦର୍ଶନ କରାଇ ଭକ୍ତମାନଙ୍କୁ ଅଭୟ ପ୍ରଦାନ କରି ଚାଲିଥିବେ ପ୍ରଭୁ ଅଲାରନାଥ। କୁମାର କବି ନିଜ କବିତାରେ ଲେଖିଲେ 'ଅନବସର ସମୟେ ଅଲାରନାଥ, ଅନାଇ ସଫଳ କର ଜୀବନ ପଥ'।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଜୁନ୍ ୨୦୨୫ ମଙ୍ଗଳବାର





# ଛାତ୍ରଛାତ୍ରୀଙ୍କ ପାଇଁ ରହିବ ଅତ୍ୟାଧୁନିକ ଡିଜିଟାଲ୍ କ୍ଲାସ୍‌ରୁମ୍

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**




ପ୍ରାଥମିକ ଶିକ୍ଷାର ଉନ୍ନତିକରଣ ପାଇଁ ସରକାର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ଉନ୍ନତ ମାନର ଶିକ୍ଷା ଯୋଗାଇବା ପାଇଁ ବିଶେଷ ଯୋଜନା ମାନ ପ୍ରଣୟନ କରୁଛନ୍ତି। ନରଣପୁର ଓ ଏହାର ଆଖପାଖ ଅଞ୍ଚଳର ପିଲାଙ୍କୁ ଉନ୍ନତ ମାନର ଶିକ୍ଷା ଭିତ୍ତିଭୂମି ଯୋଗାଇବା ଲକ୍ଷରେ ଖୁବ୍‌ଶୀଘ୍ର ନରଣପୁର ସ୍ଥିତ ହଳଦିଆଟାଙ୍ଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ଅନ୍ତର୍ଗତ ଏକ ମଡେଲ ସ୍କୁଲର ମାନ୍ୟତା ପ୍ରଦାନ କରିଛନ୍ତି। ଏ ନେଇ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନରଣପୁର ପଞ୍ଚାୟତରେ ଏହି ବିଦ୍ୟାଳୟକୁ ଏକ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବା ସହିତ ଏହାକୁ ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି ବିଦ୍ୟାଳୟରେ ମଧ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ ନିଷ୍ପତ୍ତି ନିଆଯାଇଛି। ଏଥିରେ ବିଶେଷ କରି ପିଲାମାନଙ୍କର ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱାରୋପ କରାଯିବ। ଏହାଦ୍ୱାରା ପିଲାମାନେ ଉଚ୍ଚତର ଶ୍ରେଣୀରେ ସହଜରେ ଶିକ୍ଷା ଗ୍ରହଣ କରିପାରିବେ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା ଦିଗରେ ଏହି ବିଦ୍ୟାଳୟରେ ପଦକ୍ଷେପ ନିଆଯିବ। ଏହି ଯୋଜନାରେ ନୂଆ କ୍ଲାସ୍ ରୁମ୍, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ୍ ଟଏଲେଟ୍‌ର ବ୍ୟବସ୍ଥା, ସୁନ୍ଦର ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ୍ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡିଆ, ଡାଇନିଙ୍ଗ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ମଧ ଗୁରୁତ୍ୱ ଦିଆଯିବ। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଢାଞ୍ଚାରେ ବିଦ୍ୟାଦାନ କରାଯିବାର ବ୍ୟବସ୍ଥା କରାଯିବ। ଏହି ବିଦ୍ୟାଳୟରେ ଆଧୁନିକ ଭିତ୍ତିଭୂମି ସହିତ ୫୦୦ ପିଲାଙ୍କ ପାଇଁ ହଷ୍ଟେଲ ମଧ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ହଳଦିଆଟାଙ୍ଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟରେ ରୂପାନ୍ତରିତ ନିଷ୍ପତ୍ତିରେ ସାରା ନରଣପୁରରେ ଖୁସିର ଲହରୀ ଖେଳିଯାଇଛି। ଏହି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ରୂପାନ୍ତରିତ କରାଇ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ କରାଇଥିବାରୁ ପ୍ରଧାନଶିକ୍ଷକ ମନୋଜ କୁମାର ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ୫ ଜୁଆଡ଼ି ଗିରଫ:ଟଙ୍କା ଓ ତାସ୍ ଜବତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ରଜ ପର୍ବ ଅବସରରେ ବିଭିନ୍ନ ସ୍ଥାନରେ ଜୁଆଖେଳ ଚାଲିଥିବା ଖବର ପାଇ ଚୌଦ୍ୱାର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ନଗଦ ଟଙ୍କା ଓ ତାସ୍ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲ୍ଲା ମିର୍ଜାପୁରର ପଞ୍ଚାନନ ସାହୁ (୫୫), ସାଲେପୁର ଥାନା ମାଲଲେଖନପୁରର ରଞ୍ଜିତ ଲେଙ୍କା (୩୬), ଚୌଦ୍ୱାର ନୂଆବଣିଆ ସାହିର କିଶୋର ମହାରଣା (୪୦), ପ୍ରତାପ ଚନ୍ଦ୍ର ବାରିକ (୩୮) ଓ ରବିନ୍ଦ୍ର ମହାରଣା (୨୨) । ସେମାନଙ୍କ ନିକଟରୁ ନଗଦ ୩ ହଜାର ୭୬୦ ଟଙ୍କା ଓ ତାସମୁଠା ଜବତ କରାଯାଇଛି । ଏମାନେ ଚୌଦ୍ୱାର ମଙ୍ଗଳାସାହି ନିକଟ ଚାଟେଶ୍ୱର ଶ୍ମଶାନ ପିଣ୍ଡିରେ ଜୁଆ ଖେଳୁଥିବା ବେଳେ ପୋଲିସ ହାତରେ ଧରା ପଡ଼ିଥିଲେ ।



# ବିକଶିତ ଓଡ଼ିଶା ପାଇଁ ରୋଡ଼ ମ୍ୟାପ୍ ପ୍ରସ୍ତୁତ କରିବାକୁ ଆହ୍ୱାନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବିକାଶ ମେଳାର ଚତୁର୍ଥ ଦିବସରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଡିପିଏମ୍‌ୟୁ ଡେପୁଟି ଡାଇରେକଟର ଶ୍ରୀ ନାୟକ ମଞ୍ଚାସୀନ ହୋଇ ବିକଶିତ ଓଡ଼ିଶା ତଥା ବିକଶିତ ଜିଲ୍ଲାର ରୋଡ଼ମ୍ୟାପ୍ ପ୍ରସ୍ତୁତି ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କର୍ମଶାଳାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ସମସ୍ତ ବିଭାଗର ସଫଳ ହିତାଧିକାରୀ, ଅଞ୍ଚଳର ଶିକ୍ଷାବିତ, ବିଶିଷ୍ଟ ବୁଣାକାର, ଉଦ୍ୟୋଗୀ, ଡାକ୍ତର, ଆଇନଜୀବୀ, ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଉପସ୍ଥିତ ରହି ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଓଡ଼ିଶା ଆଲୋଚନା ମାଧ୍ୟମରେ ରୋଡ଼ ମ୍ୟାପ୍ ପ୍ରସ୍ତୁତ କରିଥିଲେ। ଏତଦ୍‌ବ୍ୟତୀତ ଆଜି ମା' ପାଇଁ ଗଛଟିଏ ଅଭିଯାନର ସଫଳ ରୂପାୟନ ପାଇଁ ସ୍ଥାନୀୟ ଯଦୁମଣି ଅଡିଟରିୟମ୍ ଏବଂ ଗୋରୁ ମାର୍କେଟ ଅଞ୍ଚଳରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଶୁଭାରମ୍ଭ କରିଥିଲେ। ଜିଲ୍ଲା ବନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲୁହାଙ୍କ ସମେତ ଏସିଏଫ ହରମୋହନ ରଥ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବନ ବିଭାଗ କର୍ମଚାରୀ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ। ପ୍ରତିଦିନ ଭଳି ବିକାଶ ମେଳର ସାଂସ୍କୃତିକ ସନ୍ଧ୍ୟାରେ ସ୍ଥାନୀୟ ଲୋକ କଳା ଏବଂ ବିଷୟବସ୍ତୁ ଭିତ୍ତିକ ନୃତ୍ୟ ପରିବେଷଣ ସହ ସହୀଦ କୁଞ୍ଜେଲ ସିଂ କ୍ଲବ ଘେଁସର ସମସ୍ତ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ଆମ ଜିଲ୍ଲାର ମହାନ ସ୍ୱାଧୀନତା ସଂଗ୍ରାମୀ ସହୀଦ ମାଧୋ ସିଂଙ୍କ ସଂଗ୍ରାମ ଉପରେ ଆଧାରିତ ଏକ ନାଟକ।

# ତୁରନ୍ତ ପରିଚୟପତ୍ର ପ୍ରଦାନ ପାଇଁ ବରିଷ୍ଠ ନାଗରିକମାନଙ୍କ ଦାବି



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ନାଗରିକ ମାନଙ୍କର ସମସ୍ୟା ସଂପର୍କିତ ଆଲୋଚନା ପାଇଁ ଏକ ପ୍ରତିନିଧି ଦଳ ସ୍ଥାନୀୟ ଥାନାଧିକାରୀ ଗଞ୍ଜୁ ଓରାମ୍‌ଙ୍କ ସହିତ ସାକ୍ଷାତ କରିଥିଲେ। ସଂଗଠନର ଅନେକ ସଦସ୍ୟ ସଦସ୍ୟା ବର୍ତ୍ତମାନ ସୁଦ୍ଧା ବରିଷ୍ଠ ନାଗରିକ ପରିଚୟ ପତ୍ର ପାଇ ନାହାନ୍ତି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏହି ପ୍ରମାଣ ପତ୍ର ପ୍ରଦାନ କରିଥାନ୍ତି । ଅନେକ ଦିନ ହେଲା ବୀରମହାରାଜପୁର ଥାନାଧିକାରୀଙ୍କ ମାଧ୍ୟମରେ ସଦସ୍ୟ ସଦସ୍ୟା ମାନଙ୍କର ଆବେଦନ ଫର୍ମ ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏ ସମ୍ପର୍କରେ ଆଲୋଚନା ପରେ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଓରାମ ବ୍ୟକ୍ତ କରିଥିଲେ। ପୁନଶ୍ଚ ବରିଷ୍ଠ ନାଗରିକ ମାନଙ୍କର ସାମାଜିକ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଆଲୋଚନା ହୋଇଥିଲା। ପ୍ରତିନିଧି ଦଳରେ ସଭାପତି ଡ. ପ୍ରଫୁଲ୍ଲ ରଥ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ, ଭୂଷଣ କୁମାର ପାତ୍ର, ବଳରାମ କାଣ୍ଡ, ନାରାୟଣ ପ୍ରସାଦ ନାୟକ, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ଉପସଭାପତି ସୌମିତ୍ରୀ ମହେର, ବାସୁଦେବ ପଣ୍ଡା, ଡ. ଦ୍ୱିତୀକୃଷ୍ଣ ପଣ୍ଡା, ଭୀମସେନ ବାରିକ, ସୁରୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଫାର୍ସାରେ ଆକ୍ରମଣ କରି ଜଣେ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ପଦାଗାଁରେ ଶନିବାର ଦିନବେଳା ରଜ ଉତ୍ସବ ଚାଲିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ସାଗର ବାରିକ (୨୫) ନାମକ ଜଣେ ବ୍ୟକ୍ତି ଏକ ଫାର୍ସାରେ ସେହି ଗ୍ରାମର କ୍ଷୀର ବାରିକ୍‌ଙ୍କୁ ଆକ୍ରମଣ କରିଥିଲେ । ଫାର୍ସା ମାଡ଼ରେ କ୍ଷୀର ଗୁରୁତର ଆହତ ହେବାରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲ୍‌କୁ ପଠା ଯାଇଛି । ଅଭିଯୋଗ ପାଇ ପୋଲିସ୍ ଘଟଣାରେ ଅନୁସନ୍ଧାନ କରି ଅଭିଯୁକ୍ତ ସାଗରକୁ ଗିରଫ କରି ରବିବାର ଦିନ କୋର୍ଟ ଚାଲାଣ କରିଛି ।

# କୃଷିର ବିକାଶ ପାଇଁ ଜିନ୍ଦଲ ପକ୍ଷରୁ କଷ୍ଟମ ହାୟରିଂ ସେଣ୍ଟର ଉଦ୍‌ଘାଟିତ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**




ନିରନ୍ତର କୃଷି ବିକାଶ ପାଇଁ ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଦେଓଝର ପଞ୍ଚାୟତ ସିଆଳିଯୋଡ଼ା ଗ୍ରାମର ଗାଗରାଇ ସାହିରେ ଏକ କଷ୍ଟମ ହାୟରିଂ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଜିନ୍ଦଲ୍ ଏଜୁକେସନ୍ ଏଣ୍ଡ ୱେଲ୍‌ଫେୟାର ସୋସାଇଟି–ଜେଇଡବ୍ଲୁଏସ୍ ଓ ମାଆ ବୁରୁ କୃଷକ କ୍ଲବ ସହବନ୍ଧନରେ ଏହି ସେଣ୍ଟରର ଶୁଭାରମ୍ଭ ହୋଇଛି। ଏହି ସେଣ୍ଟର ଜରିଆରେ କୃଷକମାନଙ୍କ ବ୍ୟବହାର ପାଇଁ ରିହାତି ଦରରେ କୃଷି ଯନ୍ତ୍ରପାତି ଭଡ଼ାରେ ମିଳିବ। ଏଥିପାଇଁ ପ୍ରାଥମିକ ଭାବେ ଗୋଟିଏ ଟ୍ରାକ୍ଟର, ଥ୍ରେସର, ରୋଟାଭେଟର ଓ ଟ୍ରଲି ପ୍ରଦାନ କରାଯାଇଛି। କମ୍ ଖର୍ଚ୍ଚରେ ଏହି ଯନ୍ତ୍ରପାତି ମିଳୁଥିବାରୁ କୃଷି ସମ୍ପର୍କିତ ଖର୍ଚ୍ଚ ଚାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ୍ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମ୍‌ଡି ଏହି ସେଣ୍ଟରର ଶୁଭାରମ୍ଭ କରିଥିଲେ। ଅର୍ଥନୀତିର ବିକାଶରେ କୃଷିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ କହିଥିଲେ। କୃଷକମାନେ ଅର୍ଥନୀତିର ମେରୁଦଣ୍ଡ। ସେମାନେ ସମଗ୍ର ସମାଜକୁ ଖାଦ୍ୟ ଯୋଗାଇଥାନ୍ତି। ଏହା ସହିତ ଦେଶର ନିରନ୍ତର ବିକାଶରେ ସେମାନଙ୍କର ପ୍ରମୁଖ ଯୋଗଦାନ ରହିଛି ବୋଲି ଶ୍ରୀ ପୁରୁଷୋତ୍ତମ ତାଙ୍କ ଅଭିଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେଓଝର ପଞ୍ଚାୟତ ସମିତି ସଭ୍ୟ ଲକ୍ଷ୍ମୀ ମୁଣ୍ଡା, ୱାର୍ଡମେମ୍ବର ଶୁକୁମତୀ ମୁଣ୍ଡା, ବିଶିଷ୍ଟ ସମାଜସେବୀ ତ୍ରିଲୋଚନ ପଲାଇ, ସିଏସ୍‌ଆର୍ ମୁଖ୍ୟ ଉର୍ଜେଲ ଲାକ୍ରା ଓ କୃଷକ କ୍ଲବର ସଭାପତି ପାଣ୍ଡିଆ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶରେ ଜିନ୍ଦଲ ଷ୍ଟିଲର ଅବଦାନକୁ ବହୁତ ପ୍ରଶଂସା କରିଥିଲେ। କୃଷିର ବିକାଶ, କୃଷକ ସଶକ୍ତୀକରଣ କ୍ଷେତ୍ରରେ ଏହି ଅଭିନବ ପଦକ୍ଷେପ ବହୁତ ସହଯୋଗ କରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

# ୧୦୫ ଗୃହରକ୍ଷୀ ପଦ ପାଇଁ ୪୦ ଗୁଣା ଆବେଦନପତ୍ର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୋଲିସ ଜିଲ୍ଲାରେ ଯେତିକି ଗୃହରକ୍ଷୀ ପଦ ଖାଲିପଡ଼ିଛି ସେଥିପାଇଁ ୪୦ ଗୁଣ ପ୍ରାର୍ଥୀ ଆବେଦନ କରିଛନ୍ତି । ଏହି ପୋଲିସ ଜିଲ୍ଲାରେ ମୋଟ ୧୦୫ଟି ଗୃହରକ୍ଷୀ ପଦ ଖାଲି ପଡ଼ିଛି । ହେଲେ ୧୦୫ ପଦ ପାଇଁ ପୋଲିସ ଜିଲ୍ଲାରୁ ୪୦୯୭ ଜଣ ମହିଳା ଓ ପୁରୁଷ ଆଶାୟୀ ଆବେଦନ କରିଥିବା ଜଣାପଡ଼ିଛି । ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ପାସ୍ ରହିଥିଲେ ମଧ୍ୟ ଆବେଦନକାରୀଙ୍କ ମଧ୍ୟରେ ଯୁକ୍ତ ୨, ଯୁକ୍ତ ୩ ଭଳି ବହୁ ଉଚ୍ଚ ଶିକ୍ଷିତ ଯୁବକ ଓ ଯୁବତୀ ରହିଛନ୍ତି । ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଥିବା ୧୨ଟି ଥାନା ଓ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ୧୦୫ଟି ଗୃହରକ୍ଷୀ ପଦବୀ ଖାଲି ପଡ଼ିଥିବା ବେଳେ ସେଥିମଧ୍ୟରେ ୭୪ଟି ସାଧାରଣ ଡ୍ୟୁଟି ପଦ ସମେତ ୧୪ଟି କମ୍ପ୍ୟୁଟର ଅପରେଟର ପଦ, ୬ଟି ଗାଡ଼ି ଚାଳକ ପଦ, ୩ଟି ଝାଡୁଦାର ପଦ, ୮ଟି ରୋଷେୟା ପଦ ଓ ଜଣେ ଇଲେକ୍ଟ୍ରି ମିସ୍ତ୍ରୀ ପଦ ରହିଛି । ମୋଟ ପଦବୀ ମଧ୍ୟରୁ ୨୦ରୁ ଅଧିକ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଥିବା ୧୨ଟି ଥାନା ଓ ଜିଲ୍ଲା ପୋଲିସ ମୁଖ୍ୟାଳୟ ପାଇଁ ୧୦୫ଟି ଗୃହରକ୍ଷୀ ନିଯୁକ୍ତି କରାଯିବ । ମୋଟ ପଦବୀ ମଧ୍ୟରୁ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ୧୬ଟି ପଦ ଖାଲି ପଡ଼ିଥିବା ବେଳେ ବୈଦ୍ୟନାଥପୁର ଥାନାରେ ୮ଟି ପଦବୀ ଖାଲିପଡ଼ିଛି । ସେହିପରି ବଡ଼ବଜାର ଥାନାରେ ୮ଟି, ଗୋସାଇଁନୂଆଗାଁ ଥାନାରେ ୭ଟି, ଟାଉନ୍ ଥାନାରେ ୮ଟି, ସଦର ଥାନାରେ ୬ଟି, ନିମଖଣ୍ଡି ଥାନାରେ ୮ଟି, ଗୋଳନ୍ଥରା ଥାନାରେ ୮ଟି, ଗୋପାଳପୁର ଥାନାରେ ୬ଟି, ସୁନାପୁର ସାମୁଦ୍ରିକ ଥାନାରେ ୧୫ଟି, କେ. ନୂଆଗାଁ ଥାନାରେ ୫ଟି, ଜରଡ଼ା ଥାନାରେ ୫ଟି ଗୃହକର୍ମୀ ପଦ ଖାଲିପଡ଼ିଛି । ପ୍ରତ୍ୟେକ ଥାନାରେ କମ୍ପ୍ୟୁଟର ଜ୍ଞାନ ଥିବା ଜଣେ ଗୃହରକ୍ଷୀଙ୍କୁ ନିଯୁକ୍ତି କରିବାକୁ ମୁଖ୍ୟାଳୟ ପକ୍ଷରୁ ଯୋଜନା ହୋଇଛି । ମୋଟ ପଦ ମଧ୍ୟରୁ ୧୪ଟି କମ୍ପ୍ୟୁଟର ଜ୍ଞାନ ଥିବା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ସୁନାପୁର ସାମୁଦ୍ରିକ ଥାନାରେ ଖାଲିଥିବା ୧୫ଟି ଗୃହରକ୍ଷୀ ପଦ ପାଇଁ ସନ୍ତରଣ ଯୋଗ୍ୟତା ବାଧ୍ୟତାମୂଳକ କରାଯାଇଛି । ଯେଉଁ ପ୍ରାର୍ଥୀ ସମୁଦ୍ରରେ ପହଁରି ପାରିବ ସେ ହିଁ ସାମୁଦ୍ରିକ ଥାନା ଗୃହରକ୍ଷୀ ପଦ ପାଇଁ ଆବେଦନ କରିପାରିବ ବୋଲି କୁହାଯାଇଛି । ସେହିପରି ଗୋପାଳପୁର, ଗୋଳନ୍ଥରା ଓ ସାମୁଦ୍ରିକ ଥାନା ଅଞ୍ଚଳର ପ୍ରାର୍ଥୀମାନେ ହିଁ ଏଥିପାଇଁ ଆବେଦନ କରିପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଗୃହରକ୍ଷୀ ନିଯୁକ୍ତ ପାଇଁ ଲିଖିତ ପରୀକ୍ଷା ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ସେହିକ୍ରମରେ ଜିଲ୍ଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରସ୍ତୁତି କରାଯାଇଛି । ୪୦୯୭ ଜଣ ଆବେଦନକାରୀଙ୍କ ଲିଖିତ ପରୀକ୍ଷା ପାଇଁ ବ୍ରହ୍ମପୁର ସହର ସମେତ ଖେମୁଣ୍ଡି କଲେଜ, ଗୋଳନ୍ଥରା, ଚିକିଟି, ରାଇଖୋଲ, ଗୋପାଳପୁର ଅଞ୍ଚଳରେ ମୋଟ ୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ୨୨ ତାରିଖରେ ଲିଖିତ ପରୀକ୍ଷା ଶେଷ ହେବା ପରେ ଶାରିରୀକ ଦକ୍ଷତା ପରୀକ୍ଷା, ମୌଖିକ ପରୀକ୍ଷା ଓ ବୈଷୟିକ ଦକ୍ଷତା ପରୀକ୍ଷା ହେବ ବୋଲି ଜଣାପଡ଼ିଛି । ଗୃହରକ୍ଷୀ ନିଯୁକ୍ତି ପରୀକ୍ଷାର ସୁପରିଚାଳନା ନିମନ୍ତେ ଜିଲ୍ଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ମୋଟ ୭ଟି କମିଟି ଗଠନ କରାଯାଇଥିବା ସୂଚନା ମିଳିଛି ।

## ଆମ ସଂକଳ୍ପ ନିଶା ନୁହେଁ ଜୀବନ ସଚେତନତା କର୍ମଶାଳା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଆମ ସଂକଳ୍ପ ନିଶା ନୁହେଁ ଜୀବନ ଶୀର୍ଷକ ଏକ ସଚେତନତା କର୍ମଶାଳା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହୋଇଯାଇଛି। ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବକାରୀ ଥାନା ଭାରପ୍ରାପ୍ତ ନିରୀକ୍ଷକ ଶେଖର ମଳିକ ଯୋଗଦେଇ ନିଶାଯୋଗୁ ସମାଜରେ ବହୁବିଧ ସମସ୍ୟା ଓ ବିଶୃଙ୍ଖଳା ଉପୁଜିବା ସହ ସୁନାର ସଂସାର ଛାରଖାର ହୋଇ ସାମାଜିକ ବ୍ୟବସ୍ଥା ବିଶୃଙ୍ଖଳା ଉପୁଜିଛି ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ସ୍ୱରାଜ୍ୟ ନିଶାମୁକ୍ତ କେନ୍ଦ୍ର ଅଭିଯାନର ନିର୍ଦ୍ଦେଶକ ପୁଷ୍ପାଞ୍ଜି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମଇ ୩୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ, ବ୍ୟାନର, ପୋଷ୍ଟର ଦ୍ୱାରା ନିଶା ନିବାରଣ କରାଯିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ କରାଯାଇଛି।




## ମହିଳାମାନଙ୍କ ରକ୍ତଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ମାରବାଡ଼ି ଯୁବା ମଞ୍ଚ ଦ୍ୱାରା ସାରା ଦେଶରେ ଚଳିତ ମାସ ୮ରୁ ୨୨ ତାରିଖ ମଧ୍ୟରେ ରକ୍ତଦାନ କରିବା ପାଇଁ ଆବାହନ କରାଯାଇଥିବାରୁ ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ମାରବାଡ଼ି ଯୁବା ମଞ୍ଚ ବିକାଶ ଶାଖା କଣ୍ଟାବାଞ୍ଜି ଓ ଅଖିଳ ଭାରତୀୟ ମୋବାଇଲ୍ ବିକ୍ରେତା ସଂଘ କଣ୍ଟାବାଞ୍ଜି ଅନୁକୂଳରେ ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ସ୍ଥାନୀୟ ବିଜୁ ପଟ୍ଟନାୟକ ରକ୍ତଭଣ୍ଡାରରେ ଗୋଟିଏ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ନଗରପାଳ ବରୀୟାମ ସିଂହ ସାଲୁଜା, ସ୍ଥାନୀୟ ପୋଲିସ ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ଡାକ୍ତର ଗୋବିନ୍ଦ ଅଗ୍ରୱାଲ, ସମାଜସେବୀ ରାଜୀବ ଅଗ୍ରୱାଲ, ମେଡିକାଲ ଅଫିସର ରାକେଶ ପଣ୍ଡିତ, ଅତିଥି ଉପସ୍ଥିତ ରହିଥିଲେ । ବିକାଶ ଶାଖା ସଭାପତି ନିଖିଲ ଅଗ୍ରୱାଲ, ସଂପାଦକ ନବନିତ ଅଗ୍ରୱାଲ, କାର୍ଯ୍ୟକ୍ରମର ସଂଯୋଜକ ଆଶିଷ ଖଇତାନ, ଯୁବା ଆଲୋକ ଅଗ୍ରୱାଲ, ନାରାୟଣ ଜିନ୍ଦଲ୍ ଓ ମଞ୍ଚ ଏମରା ଅଧ୍ୟକ୍ଷ ଅଙ୍କିତ ଅଗ୍ରୱାଲ, ରୋହିତ ଜୈନ ପ୍ରମୁଖ ପରିଚାଳନା କରିଥିବା ବେଳେ ଉପସ୍ଥିତି ଅତିଥି ରକ୍ତଦାନ ଲାଭ ବିଷୟରେ ଆଲୋଚନା କରିବା ସହ ଏହି ଶିବିରରେ ମହିଳାମାନେ ରକ୍ତଦାନ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟପକ୍ଷରୁ ପ୍ରଚଣ୍ଡ ଖରାରେ ରକ୍ତର ଅଭାବ ଦେଖିବାକୁ ମିଳେ ରକ୍ତ ଭଣ୍ଡାରରେ ସେହି ସମୟରେ ଏହି ରକ୍ତଦାନ ପ୍ରାୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ଅତିଥି ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ଶିବିରରେ ଅଜୟ ଅଗ୍ରୱାଲ, ମନୀଷ ଜୈନ, ହେମନ୍ତ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, କୈଳାଶ ଜୈନ, ଦୀପକ ଜୈନ, ସୁମିତ ଜୈନ, ଆକାଶ ଜୈନ, ଅଜୟ ଅଗ୍ରୱାଲ, ଅନୁପ ଅଗ୍ରୱାଲ, ଖବର ସଂଗ୍ରହ କରିବା ସମୟ ଯାଏ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସର ସର୍ବାଧିକ ଥର ରକ୍ତଦାନ କରିଥିବା ସମାଜସେବୀ ବିଜୟ ବଂସଲଙ୍କୁ ସମ୍ମାନୀତ କରାଗଲା । ଏହି ଅବସରେ ରକ୍ତଭଣ୍ଡାରରୁ ଶିବ ସାହୁ, କୁନାଲ ଦାସ, ଗୁରୁବାରୁ ରଣା, ଦୁର୍ଗା ତାଣ୍ଡି, ଗଜବତି ବେହେରା ଉପସ୍ଥିତ ରହି ରକ୍ତଦାନ ଶିବିରକୁ ସଫଳ କରିଥିଲେ ।

## କୃଷି ସମୃଦ୍ଧ ସୁବର୍ଣ୍ଣପୁର ଜିଲ୍ଲାର ଅର୍ଥନୈତିକ ବିକାଶ ସରକାରଙ୍କ ଲକ୍ଷ୍ୟ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ 'ବର୍ଷ ଏକ ଉପଲବ୍ଧି ଅନେକ' ଶୀର୍ଷକ ଜିଲ୍ଲାସ୍ତରୀୟ ବିକାଶ ମେଳା -୨୦୨୫ ସୁବର୍ଣ୍ଣପୁରର ରୟାଲ ପଡ଼ିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକାଶ ମେଳାର ଉଦ୍‌ଘାଟନୀ ସମାରୋହକୁ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳା ପ୍ରଦୀପ ଜାଳି ଶୁଭାରମ୍ଭ କରିଛନ୍ତି । ବିକଶିତ ଓଡ଼ିଶାର ସଂକଳ୍ପ ସହ ରାଜ୍ୟ ସରକାରଙ୍କ ଏକ ବର୍ଷର ବିଭିନ୍ନ ଯୋଜନାର ସଫଳତାକୁ ନେଇ ବିଧାୟକ ରଘୁନାଥ ଜଗଦଳା ବକ୍ତବ୍ୟ ଦେଉଥିବାବେଳେ କୃଷି ସମୃଦ୍ଧ ସୁବର୍ଣ୍ଣପୁର ଜିଲ୍ଲାର ଅର୍ଥନୈତିକ ବିକାଶ ଆମ ସରକାରର ପ୍ରମୁଖ ଦାୟିତ୍ୱ ବୋଲି କହିଛନ୍ତି । ବିକାଶ ମେଳା ଆସନ୍ତା ୨୧ ତାରିଖ ଯାଏଁ ପାଳିତ ହେବାକୁ ଥିବାବେଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଭ୍ରାମ୍ୟମାଣ ବିକାଶ ବାହନ ଗଡ଼ିବା ଆରମ୍ଭ ହୋଇଛି । ଠିକ୍ ସେହିପରି, ମହିଳା ସଶକ୍ତିକରଣ ଓ ସ୍ୱାବଲମ୍ବନକୁ ନେଇ ସୁଭଦ୍ରା ଶକ୍ତି ମେଳା କ୍ରମରେ ପାରମ୍ପରିକ ଖାଦ୍ୟମେଳା ଆୟୋଜିତ ହୋଇଛି । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସାତଦିନ ଧରି ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳା ପରିସରରେ ୬୪ଟି ଷ୍ଟଲ୍ ନିର୍ମାଣ ହୋଇଥିବାବେଳେ ବିଭିନ୍ନ ବିଭାଗର ଉନ୍ନୟନ ସାମଗ୍ରୀ ଓ ବିକାଶର ଚିତ୍ର ପ୍ରଦର୍ଶିତ ହୋଇଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ ଓ ଯୁବ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟଗୀତକୁ ଲୋକେ ଉପଭୋଗ କରିଥିଲେ ।

# ମେଘ ଉତ୍ସବ:ସୃଷ୍ଟି ହେଲା ଭାଇଚାରା ମାହୋଲ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶାର ଗଣପର୍ବ ରଜ ଅବସରରେ ଜିଲ୍ଲାର ପ୍ରତିବଦ୍ଧ କଳା ଓ ସାଂସ୍କୃତିକ ଅନୁଷ୍ଠାନ ସିମ୍ଫୋନି ଏବଂ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ଆନୁକୂଲ୍ୟରେ ଏକ ଅଭିନବ ସାରସ୍ୱତ କାର୍ଯ୍ୟକ୍ରମ ମେଘ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସିମ୍ଫୋନି ଓ କେମ୍‌ର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସତୀର୍ଥର ସଭାପତି ବର୍ଷୀୟାନ ସାହିତ୍ୟିକ ମନ୍ମଥ ନାଥ ବରାଳ, ବିଶିଷ୍ଟ କବି ପ୍ରମୋଦ କୁମାର ସିଂ, ବିଶିଷ୍ଟ ଗାଳ୍ପିକ ପ୍ରଦୀପ କୁମାର ନାୟକ ଯୋଗଦେଇ ଏହି ପ୍ରୟାସକୁ ପ୍ରଶଂସା କରିବା ସହ ଏହା ଆମ ସଂସ୍କୃତି ଓ ମାଆ, ମାଟିକୁ ସମ୍ମାନ ଦେବା, ଏହି ଅନନ୍ୟ ପର୍ବ ଭାଇଚାରାର ମାହୋଲ ସୃଷ୍ଟି କରିଥାଏ ଏବଂ ଏହା ମଧ ଆଗାମୀ ପିଢ଼ିର ପିଲାମାନଙ୍କ ମଧ୍ୟରେ ନୂତନ ଆଶା ସଂଚାର କରିପାରିବ ବୋଲି ପ୍ରକାଶ କରିଥିଲେ । ସହ ସମ୍ପାଦକ ବଂଶୀଧର ମହାନ୍ତି ପାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ କବି ଡ଼ ଗିରିଜା କାନ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଅକ୍ଷସରରେ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, କବି ସଂଗ୍ରାମ ମହାରଣା, ସୋନାଲି କର, ପୂଜା ନାଥ, ଶ୍ରାବଣୀ ଜେନା, ସୁନୀତା ଦାସ, ପ୍ରିୟଙ୍କା ପ୍ରିୟଦର୍ଶନୀ ସ୍ୱାଇଁ, ମଧୁସ୍ମିତା ମନ୍ତ୍ରୀ, ପ୍ରୀତମ୍ ତ୍ରିପାଠୀ, ଦେବଦତ୍ତ ମିଶ୍ର, ଅଜୟ ପାତ୍ର, ରଞ୍ଜନ ବାଇ, ନାରାୟଣ ପତି, କରୁଣା କର ଦାସ, ଗାଳ୍ପିକା ଅବନ୍ତି ବେହେରା, ନୃସିଂହ ଚରଣ ତ୍ରିପାଠୀ, ଜଗମୋହନ ହୋତା, ବିଷ୍ଣୁ ପ୍ରିୟା ସାମଲ, କବିତା ମୁଦୁଲି, ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, କ୍ଷୀରୋଦ କୁମାର କର, ସୌଭାଗ୍ୟ ଦାସ, ଲଳିତେନ୍ଦୁ ପଣ୍ଡା, କୃଷ୍ଣ ଚନ୍ଦ୍ର ମହାପାତ୍ର, ପିତାମ୍ବର ପରିଡ଼ା, ଚନ୍ଦ୍ରମଣି ମଲ୍ଲିକ, ପ୍ରସନ୍ନ କୁମାର ପ୍ରତିହାରୀ ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠ କରିଥିଲେ । ପରିଶେଷରେ ସିମ୍ଫୋନିର ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଟ୍ (ୟୁଜି-ମେଡିକାଲ୍) ପରୀକ୍ଷା ୨୦୨୫ରେ କ୍ରୀଷ୍ଟା ବିକାଶର ସଫଳତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଶନିବାର, ସଦ୍ୟ ପ୍ରକାଶିତ ଏନ୍‌ଟିଏ ନିଟ୍ (ୟୁଜି-ମେଡିକାଲ) ୨୦୨୫ ପରୀକ୍ଷାରେ କ୍ରୀଷ୍ଟା ବିକାଶ, ବରଗଡ଼ର ମୋଟ୍ ୧୫୦ ଜଣ ଛାତ୍ରଛାତ୍ରୀ ସଫଳ ହୋଇ ନୂତନ ରେକର୍ଡ୍ ସୃଷ୍ଟି କରିଛନ୍ତି । ମୋଟ୍ ୨୩ ଜଣ ଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ, ୪୩ ଜଣ ଛାତ୍ରଛାତ୍ରୀଙ୍କ ଦେଶର ଓ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜରେ ସିଟ୍ ପାଇବା ଆଶାୟୀ ବୋଲି କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ପ୍ରକାଶ କରିଛନ୍ତି । ବିକାଶ ଆବାସିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ କୁମାର ସାହୁ (ସରଣ୍ଡାପାଲି, ବରପାଲି, ବରଗଡ଼ ନିବାସୀ ସମୀର କୁମାର ସାହୁ ଓ ତପସ୍ୱିନା ସାହୁଙ୍କ ସୁପୁତ୍ର) ୫୮୨ ମାର୍କ ସହ ସର୍ବଭାରତୀୟ ଓବିସି ବର୍ଗରେ (୧୧୭୮ ର୍ୟାଙ୍କ), ବିକାଶ ସୁପର-୪୦ ବ୍ୟାଚ୍‌ର ରୀତିକା ଅଗ୍ରୱାଲ ୫୭୮ ମାର୍କ ସହିତ (୧୯୭୨ ର୍ୟାଙ୍କ) ଏବଂ କାର୍ତ୍ତପୁଡ଼ି ରୁପାରଞ୍ଜିତା ୫୭୫ ମାର୍କ (୨୨୪୨ ର୍ୟାଙ୍କ) ସହ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ବୋଲି ବିକାଶ ଆବାସିକ ବିଦ୍ୟାଳୟ ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି ପ୍ରକାଶ କରିଛନ୍ତି । ଅନ୍ୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପିୟୂଷ ସାହୁ ୫୭୩ ମାର୍କ, ପିୟୂଷ ମିଶ୍ର ୫୬୭ ମାର୍କ, ଗୋନକ୍ ସାହୁ ୫୬୫ ମାର୍କ, ମୁକେଶ ପୁରୋହିତ ୫୬୨ ମାର୍କ, ରାକେଶ ଚନ୍ଦ୍ର ପ୍ରଧାନ ୫୬୧ ମାର୍କ, ଶୁଭ୍ରମ ପଣ୍ଡା ୫୫୨ ମାର୍କ, ହର୍ଷିତ ୫୪୬ ମାର୍କ, ଦିପଲ ୫୩୫, ଅମରନାଥ ୫୩୪, ନମିତା ୫୩୪ ମାର୍କ, ଅଶୁତୋଷ ୫୨୪ ମାର୍କ, ଆର୍ଯ୍ୟନ ୫୨୨, ଅପର୍ଣ୍ଣା ୫୧୮, ରଚ୍ଚତ ୫୧୮, ନମ୍ରତା ୫୧୨, ମଧୁସୂଦନ ୫୧୧ ମାର୍କ, ନିର୍ଲିପ୍ତା ୫୦୯ ମାର୍କ, ଚତିନ୍ଦ୍ର ୫୦୧ ମାର୍କ, ନବନୀତ ବିଶ୍ୱାଳ ୫୦୦ ମାର୍କ ସହ ସର୍ବଭାରତୀୟ ଏସ୍‌ଟି ବର୍ଗରେ ୨୯୨ରେଙ୍କ୍ ରଖିଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରଗଡ଼ର +୨ ଦ୍ୱିତୀୟ ବର୍ଷ ଛାତ୍ରୀ ଲିସା ପ୍ରଧାନ ୫୨୧ ମାର୍କ ରଖିଛନ୍ତି । ୨୦୨୩-୨୪ ବ୍ୟାଚ୍‌ର ବିଭ୍ରାଂଶୁ ୫୬୦ ମାର୍କ, ଆୟୁଷ୍ମନ୍ତ ୫୪୦ ମାର୍କ, ସୁଧୁର ୫୩୯ ମାର୍କ, ରିଶିକେଷ ୫୩୫ ମାର୍କ, ବରୁଣ ୪୪୩ ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବାରୁ କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଚେୟାରମେନ ଡି.ମୁରଲୀ କ୍ରୀଷ୍ଟା ଖୁସି ବ୍ୟକ୍ତ କରିଛନ୍ତି।

# ଜଗତସିଂହପୁର ଜିଲ୍ଲାର ବିକାଶମୂଳକ କାର୍ଯ୍ୟ ସମୀକ୍ଷା କଲେ ଶିଳ୍ପମନ୍ତ୍ରୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ସ୍ଥିତ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରେ ଜିଲ୍ଲା ସ୍ତରୀୟ ବିକାଶ ମେଳା ୨୦୨୫ର ଦ୍ୱିତୀୟ ଦିବସରେ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଏକ ବର୍ଷର ସଫଳତାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ଆଲୋଚନା କରିଥିଲେ। ଏକ ବର୍ଷର ସମୟ ମଧ୍ୟରେ ଜିଲ୍ଲାରେ ବିଭିନ୍ନ ପ୍ରଗତି ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ ସମସ୍ତଙ୍କର ସହଭାଗିତା ସହ ଆଗାମୀ ଦିନରେ ମୋ ସ୍ୱପ୍ନର ଓଡ଼ିଶା ୨୦୩୬କୁ ବାସ୍ତବତାର ରୂପ ଦେବାପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜେଠୀ ଜିଲ୍ଲା ବିକାଶର ଚିତ୍ର ସୁଭଦ୍ରା ଶକ୍ତି, ଲକ୍ଷାପତି ଦିଦି ବିଷୟରେ କହିଥିଲେ। ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ମଧ ଜିଲ୍ଲାର ଉନ୍ନତି ବିଷୟରେ ମତ ପ୍ରକାଶ କରିଥିଲେ। ଅତିଥିମାନେ ଓରମାସ୍ ପକ୍ଷରୁ ଆୟୋଜିତ ପଲ୍ଲୀଶ୍ରୀ ମେଳାକୁ ଉଦ୍ଘାଟନ କରିଥିଲେ। ସଭାରେ ପ୍ରଥମେ ଗୁଜୁରାଟର ଅହମଦାବାଦ ଠାରେ ହୋଇଥିବା ଉଡାଜାହାଜ ଦୁର୍ଘଟଣାର ମୃତକ ମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା ଓ ଜିଲ୍ଲାର ଏକବର୍ଷ ବିକାଶ ଯାତ୍ରାର ବୁକ୍‌ଲେଟ ଉନ୍ମୋଚନ ହୋଇଥିଲା। ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ତରଫରୁ ତାଙ୍କ ଶିଷ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରମ ବିଭାଗ ପକ୍ଷରୁ ୫ ଜଣଙ୍କୁ ବିବାହ ସହାୟତା ରାଶି ୫୦୦୦୦ ଟଙ୍କା ଦିଆଯାଇଥିଲା। ୩ ଜଣଙ୍କୁ ଶିକ୍ଷା ସହାୟତା ଓ ୨ ଜଣଙ୍କୁ ମୃତ୍ୟୁ ଜନିତ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରଶାସନିକ ଅଧିକାରୀ, ସହରର ବୁଦ୍ଧିଜୀବୀ, ଆଇନଜୀବୀ, ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନେ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଉଦ୍‌ଘାଟିତ ହେଲା ରଗ୍‌ବୀ ପ୍ରିମିୟର ଲିଗ୍



**ନୂଆଦିଲ୍ଲୀ**

ଅନ୍ଧେରି ସ୍ପୋର୍ଟସ କମ୍ପ୍ଲେକ୍ସରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍) ଉଦ୍‌ଘାଟିତ ହୋଇଯାଇଛି। ଜଣାଶୁଣା ବଲିଉଡ୍ ଗାୟକ ପଦ୍ମଶ୍ରୀ ଶଙ୍କର ମହାଦେବନ ପ୍ରଥମେ ଟୁର୍ଣ୍ଣାମେଣ୍ଟର ଆନ୍ଥମେ 'ରଗ୍ ରଗ୍ ମେ ରଗ୍‌ବୀ' ଗାଇ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଅବସରରେ ସମସ୍ତ ୬ ଫ୍ରାଞ୍ଚାଇଜର ଖେଳାଳି ଓ କୋଚ୍‌ଙ୍କ ସହ ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ ବା ରଗ୍‌ବୀ ଇଣ୍ଡିଆ ସଭାପତି ତଥା ବଲିଉଡ୍ ଅଭିନେତା ରାହୁଲ ବୋଷ ଓ ମହାସଂଘର ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

ମ୍ୟାଚ୍‌ରେ ବେଙ୍ଗାଲୁରୁ ବ୍ରେଭହାର୍ଟସ ଓ ଦିଲ୍ଲୀ ରେଜ ପରସ୍ପରକୁ ଭେଟିଥିଲେ। ଏଥିରେ ଦୁଇ ଦଳ ୨୧ ଲେଖାଏଁ ପଏଣ୍ଟ ସ୍କୋର କରିବାରୁ ମ୍ୟାଚ୍‌ଟି ଡ୍ର' ଭାବେ ଶେଷ ହୋଇଥିଲା। ଦୁଇ ଦଳ ପକ୍ଷରୁ ୩ଟି ଲେଖାଏଁ ଟ୍ରାଇ ହୋଇଥିଲା। ବେଙ୍ଗାଲୁରୁ ପକ୍ଷରୁ ଆକୁଲିଆ ରୋକୋଲିସୋଆ ଦୁଇଟି ଓ ଫିଲିପ ଓ୍ୱକୋରଚ ଗୋଟିଏ ଟ୍ରାଇ ସ୍କୋର କରିଥିଲେ।

ସେହିଭଳି ଦିଲ୍ଲୀ ପାଇଁ ପାଟ୍ରିକ ଓକୋଙ୍ଗୋ ଦୁଇଟି ଓ ମାଟିଆସ ଓସାଦଜୁକ ଗୋଟିଏ ଟ୍ରାଇ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ବୁଲ୍ସ ୨୪-୫ ପଏଣ୍ଟରେ ମୁମ୍ବାଇ ଡ୍ରିମର୍ସକୁ ପରାସ୍ତ କରିଛି। ଚେନ୍ନାଇ ପାଇଁ ଟେରି କେନେଡି ଦୁଇଟି ଟ୍ରାଇ ସ୍କୋର କରିଥିବା ବେଳେ ଭାଫାୟୁଜ ମାଲିକୋ ଓ ମହମ୍ମଦ ଏପି ଗୋଟିଏ ଟ୍ରାଇ କରିଥିଲେ। ମୁମ୍ବାଇ ଲାଗି ହେନରୀ ହୁଚ୍‌ସିସନ ଗୋଟିଏ ଟ୍ରାଇ କରିଥିଲେ।

ତୃତୀୟ ମ୍ୟାଚ୍‌ରେ କଳିଙ୍ଗ ବ୍ଲାକ ଟାଇଗର୍ସ ୧୪-୨୪ ବ୍ୟବଧାନରେ ହାଇଦ୍ରାବାଦ୍ ହିରୋଜଠାରୁ ପରାସ୍ତ ହୋଇଥିଲା। ଓଡ଼ିଶା ପାଇଁ ପ୍ରଥମ କ୍ୱାର୍ଟରରେ ମୌରିସି ଲଙ୍ଗବଟମ ଓ ଦ୍ୱିତୀୟ କ୍ୱାର୍ଟରରେ ହ୍ୟାରୀ ମ୍ୟାକନଲଟି ଟ୍ରାଇ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଜୋଜି ନସୋଭା, ମାନୁଏଲ ମୋରେନୋ, ଜାଭେଦ ହୁସେନ ଓ କେଭିନ ଓ୍ୱେକେସୋ ଗୋଟିଏ ଲେଖାଏଁ ଟ୍ରାଇ କରିଥିଲେ।

## ମହିଳା ଦିନିକିଆ ବିଶ୍ୱକପ୍-୨୦୨୫

# ଅକ୍ଟୋବର ୫ରେ ଭାରତ-ପାକିସ୍ତାନ ମୁକାବିଲା

**ନୂଆଦିଲ୍ଲୀ**

ମହିଳା ଦିନିକିଆ ବିଶ୍ୱକପ ୨୦୨୫ ପାଇଁ କାର୍ଯ୍ୟସୂଚୀ ପ୍ରକାଶ କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଏଥର ଭାରତ ଓ ଶ୍ରୀଲଙ୍କା ଉଭୟ ମିଶି ଟୁର୍ଣ୍ଣାମେଣ୍ଟର ଆୟୋଜନ କରିବେ। ୩୦ ସେପ୍ଟେମ୍ବରରୁ ଆରମ୍ଭ କରି ନଭେମ୍ବର ୨ ତାରିଖ ୨୦୨୫ ଯାଏ ବିଶ୍ୱକପ୍ ଖେଳାଯିବ।

ବିଶ୍ୱକପର ପ୍ରଥମ ମ୍ୟାଚ୍ ଖେଳିବେ ଦୁଇ ଆୟୋଜକ ଟିମ୍- ଭାରତ ଓ ଶ୍ରୀଲଙ୍କା। ସେପ୍ଟେମ୍ବର ୩୦ ତାରିଖରେ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦୁଇ ଟିମ୍ ମୁହାଁମୁହିଁ ହେବେ। ସେହିପରି ଗତ ଥର ବିଶ୍ୱକପ୍ ଚାମ୍ପିଅନ୍ ହୋଇଥିବା ଅଷ୍ଟ୍ରେଲିଆ ଅକ୍ଟୋବର ୧ ତାରିଖରେ ନ୍ୟୁଜିଲାଣ୍ଡକୁ ଭେଟିବ। ଏହି ମ୍ୟାଚ୍ ଇନ୍ଦୋରରେ ଖେଳାଯିବ। ନ୍ୟୁଜିଲାଣ୍ଡ ମଧ୍ୟ ଗତ ଥର ଆଇସିସି ମହିଳା ଟି-୨୦ ବିଶ୍ୱକପର ବିଜେତା ହୋଇଛି।

ତେବେ ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ରୋମାଞ୍ଚକର ମୁକାବିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଅକ୍ଟୋବର ୫ ତାରିଖ ଶ୍ରୀଲଙ୍କାର କଲୋମ୍ବୋରେ ଖେଳାଯିବ। ମହିଳା ଦିନିକିଆ ବିଶ୍ୱକପର ଏହା ୧୩ତମ ସଂସ୍କରଣ ହୋଇଥିବା ବେଳେ ଏଥିରେ ୮ ଟିମ୍ ଭାଗ ନେବେ। ଏକ



ସିଙ୍ଗଲ ରାଉଣ୍ଡ-ରବିନ୍ ଫର୍ମାଟରେ ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବ। ଯେଉଁଠାରେ ପ୍ରତ୍ୟେକ ଦଳ ପରସ୍ପର ସହିତ ଥରେ ମୁକାବିଲା କରିବେ। ଗ୍ରୁପ୍ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ଚାରିଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

ତେବେ ସମସ୍ତ ଦଳ ୨୪ ସେପ୍ଟେମ୍ବରରୁ ଦୁଇଟି ଲେଖାଏଁ ଅଭ୍ୟାସ ମ୍ୟାଚ୍ ଖେଳିବେ। ଭାରତ ପ୍ରଥମ ଅଭ୍ୟାସ୍ ମ୍ୟାଚ୍ ୨୪ ସେପ୍ଟେମ୍ବରରେ ବେଙ୍ଗାଲୁରୁରେ ଇଂଲଣ୍ଡ ସହ ଖେଳିବ। ସେହିପରି ଦ୍ୱିତୀୟ ମ୍ୟାଚ୍ ୨୭ ସେପ୍ଟେମ୍ବରରେ ଗୌହାଟୀରେ ଦକ୍ଷିଣ ଆଫ୍ରିକା ସହିତ ଖେଳିବ।

ଦୁଇଟି ସେମିଫାଇନାଲ୍ ମ୍ୟାଚ୍ ହେବ। ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ପ୍ରଥମ ସେମିଫାଇନାଲରେ ଚତୁର୍ଥ ସ୍ଥାନରେ ଥିବା ଦଳ ସହ ଖେଳିବ। ସେହିପରି ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଥିବା ଟିମ୍ ଦ୍ୱିତୀୟ ସେମିଫାଇନାଲରେ ପରସ୍ପର ସହ ମୁକାବିଲା କରିବେ। ୨୯ ଅକ୍ଟୋବରରେ ଦୁଇଟି ସେମିଫାଇନାଲ ଖେଳାଯିବାକୁ ଥିବା ବେଳେ ଫାଇନାଲ୍ ୨ ନଭେମ୍ବରରେ ଖେଳାଯିବ। ଏହି ବିଶ୍ୱକପ୍ ହାଇବ୍ରିଡ୍ ମଡେଲରେ ୫ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଏଥିରେ ଭାରତରେ ବେଙ୍ଗାଲୁରୁ, ଗୁଓ୍ୱାହାଟି, ଇନ୍ଦୋର ଓ ବିଶାଖାପାଟନମ, ସେହିପରି ଶ୍ରୀଲଙ୍କାର କେବଳ କଲୋମ୍ବ କ୍ରିକେଟ୍ ଫିଲ୍ଡକୁ ବଛାଯାଇଛି।

### ବିଶ୍ୱକପ୍‌ରେ ଭାରତୀୟ ଦଳର କାର୍ଯ୍ୟସୂଚୀ

୩୦ ସେପ୍ଟେମ୍ବର : ଭାରତ ବନାମ ଶ୍ରୀଲଙ୍କା – ବେଙ୍ଗାଲୁରୁ – ଅପରାହ୍ନ ୩ଟା।
୫ ଅକ୍ଟୋବର : ଭାରତ ବନାମ ପାକିସ୍ତାନ – କଲମ୍ବୋ – ଅପରାହ୍ନ ୩ଟା।
୯ ଅକ୍ଟୋବର : ଭାରତ ବନାମ ଦକ୍ଷିଣ ଆଫ୍ରିକା – ଭାଇଜାଗ – ଅପରାହ୍ନ ୩ଟା।
୧୨ ଅକ୍ଟୋବର : ଭାରତ ବନାମ ଅଷ୍ଟ୍ରେଲିଆ – ଭାଇଜାଗ – ଅପରାହ୍ନ ୩ଟା।
୧୯ ଅକ୍ଟୋବର: ଭାରତ ବନାମ ଇଂଲଣ୍ଡ – ଇନ୍ଦୋର – ଅପରାହ୍ନ ୩ଟା।
୨୩ ଅକ୍ଟୋବର : ଭାରତ ବନାମ ନ୍ୟୁଜିଲାଣ୍ଡ – ଗୁଆହାଟି – ଅପରାହ୍ନ ୩ଟା।
୨୬ ଅକ୍ଟୋବର : ଭାରତ ବନାମ ବାଂଲାଦେଶ – ବେଙ୍ଗାଲୁରୁ – ଅପରାହ୍ନ ୩ଟା।

ଯଦି ପାକିସ୍ତାନ ମହିଳା କ୍ରିକେଟ ଦଳ ବିଶ୍ୱକପର ସେମିଫାଇନାଲରେ ପହଞ୍ଚିଯାଏ, ତେବେ ଅକ୍ଟୋବର ୨୯ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ କଲମ୍ବୋରେ ଖେଳାଯିବ, ଏବଂ ଯଦି ଏହା ଜିତି ଫାଇନାଲରେ ପହଞ୍ଚିଥାଏ, ତେବେ ଟାଇଟଲ ମୁକାବିଲା ମଧ୍ୟ ସେଠାରେ ଅନୁଷ୍ଠିତ ହେବ। ଯଦି ପାକିସ୍ତାନ ସେମିଫାଇନାଲରେ ପହଞ୍ଚ ନଥାଏ, ତେବେ ପ୍ରଥମ ସେମିଫାଇନାଲ ଗୁଆହାଟୀରେ ଏବଂ ଫାଇନାଲ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ।

# ୨୮ରୁ ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗିର ଠାରେ କ୍ରୀଡ଼ା ସଂସଦର ଟୁର୍ଣ୍ଣାମେଣ୍ଟ ଓ ଟ୍ରାନ୍ସଫର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ କମିଟି ଅଧକ୍ଷ ହେମନ୍ତ କୁମାର ବେହେରା ଏହି ବୈଠକରେ ଅଧକ୍ଷତା କରିଥିଲେ। ଚଳିତ ବର୍ଷ ସାହାଣି କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ଜୁଲାଇରେ ହେବ। ଏ ପରିପ୍ରେକ୍ଷୀରେ ଜିଲ୍ଲା ଖେଳାଳି ଚୟନ ପାଇଁ ଜୁନ ୨୮ ତାରିଖରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ଦଳରେ ଖେଳାଳି ୩୫ ବର୍ଷରୁ ଅଧିକ ହୋଇନଥିବେ ଓ ୧୯ ବର୍ଷରୁ କମ୍ ଅନ୍ୟୁନ ୪ ଜଣ ଖେଳାଳି ଥିବା ବାଧ୍ୟତାମୂଳକ ଅଟେ। ସମସ୍ତ ଖେଳାଳିଙ୍କ ଡିଜିଟାଲ ଜନ୍ମ ପ୍ରମାଣପତ୍ର କିମ୍ବା ହାଇସ୍କୁଲ ପାସ୍ ସାର୍ଟିଫିକେଟ, ଆଧାର କାର୍ଡ ଓ ଗୋଟିଏ ଲେଖାଏଁ ପାସପୋର୍ଟ ସାଇଜ ଫଟୋ ସହ ଖେଳାଳି ରେଜିଷ୍ଟ୍ରେସନ ଦେବାକୁ ପଡ଼ିବ। ଇଚ୍ଛୁକ ଅଂଶଗ୍ରହଣକାରୀ ଦଳ ଜୁନ ୨୩ ଓ ୨୪ ତାରିଖ ଦିନ ସକାଳ ଘ.୧୦ ଠାରୁ ଅପରାହ୍ନ ଘ.୫ ମଧ୍ୟରେ ତାଙ୍କ ଆବେଦନ ଫର୍ମ ସହ ଖେଳାଳି ରେଜିଷ୍ଟ୍ରେସନ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗିର ଠାରେ ଦେବାକୁ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବୈଠକରେ କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ସଂପାଦକ ହରିନାରାୟଣ ପୁଜାରି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତୃଘନ ସିଂ, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଇଂ. ନାରାୟଣ ପ୍ରସାଦ ମିଶ୍ର, କୈଳାସ ଚନ୍ଦ୍ର କର୍ତି, ଭୁପେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସବିଶେଷ ସୂଚନା ପାଇଁ ହେମନ୍ତ କୁମାର ବେହେରା, ଶରତ କୁମାର ନନ୍ଦ ଓ ଡା. ସିଦ୍ଧେଶ୍ୱର ମିଶ୍ରଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ। ପରିଶେଷରେ ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଘୋଷଣା ହେଲା ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ : ୬ଟି ଶୃଙ୍ଖଳାରେ ୧୮ଟି ଟେଷ୍ଟ ଖେଳିବ ଭାରତ

**ଦୁବାଇ**

ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ (ଆଇସିସି) ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଲାଗି ଖେଳସୂଚୀ ଘୋଷଣା କରିଛି। ଏହି ୨ ବର୍ଷରେ ୯ଟି ପ୍ରତିଯୋଗୀ ଦେଶ ମୋଟ ୭୧ଟି ଟେଷ୍ଟ ମ୍ୟାଚ୍ ଖେଳିବେ। ଜୁନ୍ ୧୭ରୁ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପର ୪ର୍ଥ ତଥା ନୂତନ ସଂସ୍କରଣ ଆରମ୍ଭହେବ। ଏହିଦିନ ଗଲ୍‌ରେ ବାଂଲାଦେଶ ବିପକ୍ଷରେ ଘରୋଇ ଶ୍ରୀଲଙ୍କା ପ୍ରଥମ ଟେଷ୍ଟମ୍ୟାଚ୍ ଖେଳିବ। ଏହି ୭୧ଟି ଟେଷ୍ଟମ୍ୟାଚ୍‌କୁ କ୍ରମାଗତ ୨ ଥର ଫାଇନାଲ ଖେଳିଥିବା ଅଷ୍ଟ୍ରେଲିଆ ସର୍ବାଧିକ ୨୨ଟି ଟେଷ୍ଟମ୍ୟାଚ୍ ଖେଳିବ। ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ୨୧ଟି ଟେଷ୍ଟମ୍ୟାଚ୍ ଖେଳିବ। ଉଭୟ ଦଳ ପରସ୍ପର ବିପକ୍ଷରେ ୨ ଥର ଆସେସ୍ ଶୃଙ୍ଖଳା ଖେଳିବେ।

ନୂତନ ଅଧିନାୟକ ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ନୂତନ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ସାଇକେଲ୍‌ରେ ଅଭିଯାନ ଚଳିତମାସ ୨୦ରୁ ଆରମ୍ଭ କରିବ। ଭାରତ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ସାଇକେଲ୍‌ରେ ମୋଟ ୧୮ଟି ଟେଷ୍ଟମ୍ୟାଚ୍ ଖେଳିବ। ଭାରତୀୟ ଦଳ ଘରୋଇ ଓ ବିଦେଶ ମାଟିରେ ୩ଟି ଲେଖାଏଁ ଶୃଙ୍ଖଳାରେ ୯ଟି ଲେଖାଏଁ ଟେଷ୍ଟମ୍ୟାଚ୍ ଖେଳିବ। ଭାରତୀୟ ଦଳ ବିଦେଶରେ ୩ଟି ଟେଷ୍ଟ ଶୃଙ୍ଖଳା ଖେଳିବ। ଏହା ଅନ୍ତର୍ଗତ ଇଂଲଣ୍ଡ ବିପକ୍ଷରେ ୫ଟି ଏବଂ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୨ଟି ଲେଖାଏଁ ଟେଷ୍ଟ ଭାରତୀୟ



ଦଳ ଖେଳିବ। ଘରୋଇମାଟିରେ ଭାରତ ୩ଟି ଶୃଙ୍ଖଳାରେ ମୋଟ ୯ଟି ଟେଷ୍ଟ ଖେଳିବ। ଘରୋଇ ମାଟିରେ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୨ଟି, ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି ଓ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୫ଟି ଟେଷ୍ଟମ୍ୟାଚ୍ ଖେଳିବ। ତେମ୍ବା ବଭୁମାଙ୍କ ଅଧୀନରେ ଦକ୍ଷିଣ ଆଫ୍ରିକା ନିକଟରେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ ହୋଇଛି। ୨୦୨୪ ଅଗଷ୍ଟରୁ ବଭୁମାଙ୍କ ଅଧୀନରେ ଦକ୍ଷିଣ ଆଫ୍ରିକା କ୍ରମାଗତ ୯ଟି ଟେଷ୍ଟମ୍ୟାଚ୍ ଖେଳିଛି। ନୂତନ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ସାଇକେଲ୍‌ରେ ଦକ୍ଷିଣ ଆଫ୍ରିକା ମୋଟ ୧୪ଟି ଟେଷ୍ଟ ଖେଳିବ। ନୂତନ ସଂସ୍କରଣରେ ଅକ୍ଟୋବରରେ ପାକିସ୍ତାନରେ ଘରୋଇ ଦଳ ବିପକ୍ଷରେ ଖେଳି ଦକ୍ଷିଣ ଆଫ୍ରିକା ତା'ର ଅଭିଯାନ ଆରମ୍ଭ କରିବ। ୨୦୨୬ ସେପ୍ଟେମ୍ବରରେ ଯାଇ ଦକ୍ଷିଣ ଆଫ୍ରିକା ଘରୋଇ ମାଟିରେ ଟେଷ୍ଟ ଶୃଙ୍ଖଳା ଖେଳିବ। ଉପବିଜେତା ଅଷ୍ଟ୍ରେଲିଆ ବିପକ୍ଷରେ ଘରୋଇ ଦକ୍ଷିଣ ଆଫ୍ରିକା। ୩ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳା ଖେଳିବ। ଏମାନଙ୍କୁ ଛାଡ଼ି ବାଂଲାଦେଶ ମୋଟ ୧୨ଟି, ପ୍ରଥମ ସଂସ୍କରଣର ଚାମ୍ପିଅନ୍ ନ୍ୟୁଜିଲାଣ୍ଡ ୧୬ଟି, ପାକିସ୍ତାନ ୧୩ଟି, ଶ୍ରୀଲଙ୍କା ୧୨ଟି ଓ ଓ୍ୱେଷ୍ଟଇଣ୍ଡିଜ୍ ୧୪ଟି ଟେଷ୍ଟମ୍ୟାଚ୍ ଖେଳିବେ। ଟେଷ୍ଟ କ୍ରିକେଟ୍‌କୁ ଅଧିକ ଲୋକପ୍ରିୟ କରିବା ଲାଗି ଆଇସିସି ଏହି ଖେଳସୂଚୀ ପ୍ରସ୍ତୁତ କରିଛି। ସମସ୍ତ ୯ଟି ଟେଷ୍ଟ ଖେଳୁଥିବା ଦେଶ ଘରୋଇ ଓ ବିଦେଶରେ ଟେଷ୍ଟ ଶୃଙ୍ଖଳା ଖେଳିବାର ବ୍ୟବସ୍ଥା ରହିଛି। ୨ ବର୍ଷ ଧରି ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍ ଖେଳି ଟେଷ୍ଟ କ୍ରିକେଟ୍‌ରେ ସର୍ବୋଚ୍ଚ ପୁରସ୍କାର ଜିତିବାକୁ ସମସ୍ତ ଦଳ ପ୍ରୟାସ କରିବେ। ଏଥର ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍‌କୁ ଅଧିକ ରୋଚକ କରିବାକୁ ଆଇସିସି ଯୋଜନା କରିଛି।

# ଆଜି ଭାରତୀୟ ଦଳରେ ଯୋଗ ଦେବେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଶୀଘ୍ର ଭାରତୀୟ ଦଳରେ ଯୋଗ ଦେବେ। ପରିବାରରେ ଜରୁରୀ କାଳୀନ ସ୍ଥିତି ପାଇଁ ଭାରତ ଫେରିଥିଲେ ଗମ୍ଭୀର। ଜୁନ ୨୦ରୁ ଲିଡ୍ସରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ ମଙ୍ଗଳବାର ଇଂଲଣ୍ଡରେ ଭାରତୀୟ ଦଳରେ ଯୋଗ ଦେବେ ଏହି ପୂର୍ବତନ ଓପନର। ମାଆଙ୍କ ହାର୍ଟ ଆଟାକ୍ ହେବାରୁ ଗମ୍ଭୀରଙ୍କୁ ସ୍ୱଦେଶ ଫେରିବାକୁ ପଡ଼ିଥିଲା।

ବିସିସିଆଇର ସୂତ୍ର ଅନୁଯାୟୀ, ତାଙ୍କ ମାଆଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ହେଉଛି। ଗମ୍ଭୀର ମଙ୍ଗଳବାର ଭାରତରୁ ଯାତ୍ରା କରି ସେହି ଦିନ ଇଂଲଣ୍ଡରେ ପହଞ୍ଚିବେ। ଭାରତ ଫେରିବା କାରଣରୁ ସେ ଭାରତୀୟ ଦଳ ଏବଂ ଭାରତୀୟ ଏ ଦଳ ମଧ୍ୟରେ ଖେଳା ଯାଇଥିବା ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ୍‌ରେ ଉପସ୍ଥିତ ନ ଥିଲେ।

ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ୍ ରେୟାନ ଟେନ ଡୋଏଶେ, ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ଓ ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ୍ ଖେଳାଳିଙ୍କ ପ୍ରଦର୍ଶନ ଏବଂ ଦଳର ପ୍ରସ୍ତୁତି ଉପରେ ନଜର ରଖିଥିଲେ। ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୦୭ରେ ପ୍ରଥମ ଥର ଇଂଲଣ୍ଡରେ ନିଜର ପ୍ରଥମ ଟେଷ୍ଟ ସିରିଜ୍ ଜିତିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ।

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ : ବେନ ଷ୍ଟୋକ୍ସ(ଅଧିନାୟକ), ଶୋଏବ ବଶିର, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରାଏଡନ କର୍ସ, ସାମ କୁକ, ଜ୍ୟାକ କ୍ରାଉଲି, ବେନ ଡକେଟ୍, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ, କ୍ରିସ ଓ୍ୱକ୍ସ।

ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ : ଶୁଭମନ ଗିଲ(ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ/ଓ୍ୱିକେଟ୍ କିପର), ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁଣ ନାୟର, ନୀତିଶ ରେଡ୍ଡୀ, ରବୀନ୍ଦ୍ର ଜାଡ଼େଜା, ଧ୍ରୁବ ଜୁରେଲ(ଓ୍ୱିକେଟ୍ କିପର), ଓ୍ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂ, କୁଲଦୀପ ଯାଦବ।

ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜ୍ : ଜୁନ ୨୦ରୁ ୨୪- ପ୍ରଥମ ଟେଷ୍ଟ, ହେଡିଙ୍ଗ୍ଲେ। ଜୁଲାଇ ୨ରୁ ୬- ଦ୍ୱିତୀୟ ଟେଷ୍ଟ, ଆଜବେଷ୍ଟନ। ଜୁଲାଇ ୧୦ରୁ ୧୪- ତୃତୀୟ ଟେଷ୍ଟ, ଲର୍ଡ୍ସ। ଜୁଲାଇ ୨୩ରୁ ୨୭- ଚତୁର୍ଥ ଟେଷ୍ଟ,ଏମିରେଟ୍ସ ଓଲ୍ଡ ଟ୍ରାଫର୍ଡ। ଜୁଲାଇ ୩୧ରୁ ଅଗଷ୍ଟ ୪- ପଞ୍ଚମ ଟେଷ୍ଟ, କିଆ ଓଭାଲ।

# ଡିଆରକେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ : କୋର ହାର୍ଣ୍ଟର୍ସ ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ୍ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କୋର ହାର୍ଣ୍ଟର୍ସ ୩୫ ରନରେ ରାଫେଲ ରକେଟ୍ସକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି କୋର ହାର୍ଣ୍ଟର୍ସ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟ ରଞ୍ଜନ ବିଶ୍ୱାଳ ୪୮, ଦିବ୍ୟରଞ୍ଜନ ଦାସ ୩୬, ଦିବ୍ୟ-ଲୋଚନ ଦାସ ୩୧ ଓ ଦିବ୍ୟେଶ ମହାନ୍ତି ୨୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିନ୍‌ହା, ପ୍ରୀତିଦେବ ଜେନା ଓ ନିର୍ବିଶଙ୍କର ବାରିକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ରାଫେଲ ରକେଟ୍ସ ୨୦ ଓଭରେ ୬ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିପାରିଥିଲା। ଦଳ




ପକ୍ଷରୁ ପ୍ରୀତପାଲ ସିଂହ ୩୪ ଓ ଅମିତ ପରିଡ଼ା ୨୫ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଦିବ୍ୟେଶ ମହାନ୍ତି ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ବୁବୁ ସିନ୍‌ହା ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ୮୦ ହଜାର ଟଙ୍କା ଓ ଟ୍ରଫି ଓ ରନର୍ସଅପ୍ ଦଳକୁ ୬୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ଦିବ୍ୟେଶ ମହାନ୍ତି, ଶ୍ରେଷ୍ଠ ବୋଲର ସିଦ୍ଧାର୍ଥ ସିନ୍‌ହା, ଶ୍ରେଷ୍ଠ ବ୍ୟାଟ୍ସମନ ଅମିତ ପରିଡ଼ା ଓ ଶ୍ରେଷ୍ଠ ଖେଳାଳି ଭାବେ ମନୁ ରାମଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଂଗଠକ ଗିରିଶ ଚନ୍ଦ୍ର ଦାସ, ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସମାଜସେବୀ ଅମର କୁମାର ସେଠି, ଦୀପା ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ସମ୍ପାଦକ ସଂଜୀବ ଦ୍ୱିବେଦୀ, ଉପ ସଭାପତି କାଶୀନାଥ ରଣା, କାର୍ଯ୍ୟକାରୀ ସଭାପତି କଳିଙ୍ଗ କେଶରୀ ଜେନା, ଆୟୋଜକ ଅମିତାଭ ଦାସ, ସତ୍ୟନାରାୟଣ ଜୀଉ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ କ୍ରିକେଟ ଖେଳାଳି ପ୍ରଶାନ୍ତ ପଟ୍ଟନାୟକ, ସୁବାଷ ସାହୁ, ସନ୍ତୋଷ ଓତା, ସୁନିଲ ଜେନା, ପ୍ରଭାସ ଚନ୍ଦ୍ର ଘଡେଇ, ସଞ୍ଜୟ ମାଇତି, ଅମୀୟ କୁମାର ବଳ, ସୋମନାଥ ସିଂହ, ମନୋଜ ଶର୍ମା, ଲଲାଟେନ୍ଦୁ ବେହେରା, ଦେବୀଦତ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ପାଇଁ ଜିଲ୍ଲା ସନ୍ତରଣ ସଂଘର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବିଜୁ ପଟ୍ଟନାୟକ ସନ୍ତରଣାଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଉକ୍ତ ଚାମ୍ପିୟନସିପ୍‌କୁ ଏକ ବର୍ଣ୍ଣାଢ୍ୟ ପରିବେଶରେ ସମସ୍ତ ବର୍ଗର ପ୍ରତିଯୋଗୀମାନଙ୍କୁ ନେଇ ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପ୍ରତିଯୋଗିତା ଜୁନିୟର ଓ ସବ୍‌ଜୁନିୟର ବର୍ଗରେ କରାଯାଇ ଶ୍ରେଷ୍ଠ ପ୍ରତିଭା ସମ୍ପନ୍ନ ସନ୍ତରଣକାରୀଙ୍କୁ ପୁରସ୍କୃତ କରାଯିବା ସହିତ ରାଜ୍ୟ ସ୍ତରୀୟ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ। ଜିଲ୍ଲାର ଶ୍ରେଷ୍ଠ ଟାଇମରମାନେ ଭୁବନେଶ୍ୱର ଠାରେ ଜୁଲାଇରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ବୈଠକ ଜିଲ୍ଲା ସନ୍ତରଣ ସଂଘର ସମ୍ପାଦକ ଜୟନାରାୟଣ ମେଣ୍ଡିଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସଂଘର ସଭ୍ୟ ବିଦ୍ୟାଧର ମିଶ୍ର, ଭକ୍ତି ରଞ୍ଜନ ଦଳେଇ, ପ୍ରକାଶ ମେହେର, ଶିବ ନାରାୟଣ ବେହେରା, ଦିଗାମ୍ବର ଶତପଥୀ, ଶ୍ରୀତମ ସାହୁ, ବିଶ୍ୱରଞ୍ଜନ ଦଳାଇ, ପ୍ରଦୀପ କୁମାର ମହାନ୍ତି, ମନୋରଞ୍ଜନ ମିଶ୍ର ଓ ସୁରଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଜୁଲାଇ ୧୩ ରବିବାର ହେବାକୁ ଥିବା ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଆଗ୍ରହୀ ସନ୍ତରଣକାରୀମାନେ ଆସନ୍ତା ଜୁଲାଇ ୫ ତାରିଖ ସୁଦ୍ଧା ସେମାନଙ୍କର ନାମ ପଞ୍ଜିକରଣ କରିପାରିବେ। ଏଥିପାଇଁ ପ୍ରତିଯୋଗୀମାନେ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ର ହେଡ୍ କୋଚ୍ ସଞ୍ଜୟ ପାଣ୍ଡେ (୭୦୦୮୩୮-୮୨୯୩), ସହାୟକ କୋଚ ନିମାଇଁ ବାଘଙ୍କ (୮୬୫୮୫୫୩୮୦୪) ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ବିଭିନ୍ନ ଦାବି ନେଇ ବନସେବା କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ



**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ତିନି ଦଫା ଦାବି ପୂରଣ ନିମନ୍ତେ କଳାବ୍ୟାଜ୍ ପରିଧାନ କରି କାମ କରିବେ ନୂଆପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟରତ ସମସ୍ତ ଅଣଗେଜେଟେଡ଼ ବନସେବା କର୍ମଚାରୀ। ନୂଆପଡ଼ା ଅଣଗେଜେଟେଡ଼ ବନ୍ୟସେବା ସଙ୍ଘର ସଭାପତି ରାମରଞ୍ଜନ ରାଉତଙ୍କ ଗଣମାଧ୍ୟମକୁ ଦେଇଥିବା ସୂଚନାନୁସାରେ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ରାଜ୍ୟସାରା ସମସ୍ତ କାର୍ଯ୍ୟରତ ବନସେବା କର୍ମଚାରୀ ତିନି ଦଫା ଦାବି ନ ପୂରଣ ହେଲା ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ପ୍ରଥମ ଦାବି ହେଲା ଢେଙ୍କାନାଳ ଡିଭିଜନ ହିନ୍ଦୋଳ ରେଞ୍ଜରେ କାର୍ଯ୍ୟରତ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କ ହତ୍ୟାକାରୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଚିତ ଦଣ୍ଡ ବ୍ୟବସ୍ଥା କରିବାସହ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା, ଦ୍ୱିତୀୟରେ ବନବିଭାଗରେ ପରିଲକ୍ଷିତ ହେଉଥିବା ବିଭିନ୍ନ ଅବ୍ୟବସ୍ଥାର ପ୍ରତିକାର ନିମନ୍ତେ ଏକ ଫରେଷ୍ଟ କମିଶନ ଗଠନ କରାଯିବା ସହ କେଡର ପରିମାର୍ଜନ ତାଲିମ ଓ ନିଯୁକ୍ତି ପ୍ରକ୍ରିୟା ତଥା କର୍ମଚାରୀଙ୍କ ଦକ୍ଷତା ବୃଦ୍ଧିର ବ୍ୟବସ୍ଥା କରିବା ତୃତୀୟରେ ବନକ୍ଷେତ୍ର ଅଧିକାରୀମାନଙ୍କୁ ପୋଲିସ ବିଭାଗ ଭଳି ସାଲେରୀ ଆକାଉଣ୍ଟ ଇନ୍‌ସ୍ୟୁରନ୍ସେ ପ୍ୟାକେଜ୍ ବ୍ୟବସ୍ଥାରେ ଯେକୌଣସି ଜାତୀୟ ବ୍ୟାଙ୍କ ଜରିଆରେ ପ୍ରଦାନ କରିବା ଭଳି ତିନିଗୋଟି ଦାବି ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଏହି ତିନିଦଫା ଦାବି ଯଥାଶୀଘ୍ର ନ ପୂରଣ ହେଲେ ଆନ୍ଦୋଳକୁ ଆହୁରି ତୀବ୍ର କରାଯିବ ବୋଲି ରାଜ୍ୟସଙ୍ଘ ନିଷ୍ପତ୍ତି ନେଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଗଣମାଧ୍ୟମକୁ ସୂଚନା ପ୍ରଦାନ କରୁଥିବା ସମୟରେ ଜିଲ୍ଲା ସଙ୍ଘର ସମ୍ପାଦକ ସୁଦାମ କୁମାର ବାଗ ସଙ୍ଘର ସଦସ୍ୟ ବିଘ୍ନରାଜ ପୋଢ଼ ଦୁର୍ଯ୍ୟଧନ ଦୀକ୍ଷିତ ଧନଞ୍ଜୟ ନିଆଲ ପରମାନନ୍ଦ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

WATCO
OFFICE OF THE GENERAL MANAGER,
WATCO DIVISION-I, BHUBANESWAR,
Vanivihar Square, Bhubaneswar-751022,
Odisha, India
C-522
Telefax: - +91-674-2542821 E-mail – gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
GMWATCO-I/24/ 2025-26 Dt.10.06.2025

| | | |
|---|---|---|
| 01 | Name of the work | : Construction of inspection chamber, Raising of Manhole & laying of sewer line for Commissioning of sewerage system laid by OWSSB through ECCI. 03Nos (03 nos works) |
| 02 | Estimate cost | : Rs.9.90 Lakhs to 15.24 Lakhs |
| 03 | Period of completion | : 6 (Six Months) |
| 04 | Class of contractor | : D, C Class |
| 05 | Date & Time of availability of bid document In the portal | : From 11.00 AM of Dt.17.06.2025 to 5.00 PM of 30.06.2025 |
| 06 | Last date / time of receipt of bids in the portal | : 5.00 PM of 30.06.2025 |
| 07 | Date & Time of opening of bids | : At 12.30 PM of 01.07.2025 |
| 08 | Name and Address of the Officer Inviting Bid | : General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"
Sd/- GENERAL MANAGER, WATCO DIVISION-I,
OIPR-13083/11/0014/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
O-293
Ph. No. – 0674-2301787
Fax No.- 0674-2300965
E.Mail I.D. – eerw_bbsr@yahoo.co.in
No:-Tender – Online – BBSR Divn. – 06 Date :- 12.06.2025
e-Procurement NOTICE

1. Name of the work : Construction of two nos. Class Rooms for Jawaharlal Nehuru Higher Secondary School, Balianta, Khordha.
2. Total No. of Building : 01 No. of Building
3. Class of contractor
 a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
 b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
 c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 38.00 lakh
5. Time for completion : 4 (Four) calendar months
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar. | Tender Online – BBSR Divn. -06 | 18.06.2025 at 11.00 A.M. | 25.06.2025 up to 5.00 P.M | 26.06.2025 at 11.00 A.M. |

Further details can be seen from the website www.tendersorissa.gov.in
OIPR-25066/11/0001/2526
Sd/- Addl. Chief Engineer, Rural Works Divn. BBSR

OFFICE OF THE SUPERINTENDING ENGINEEER
KHURDA IRRIGATION DIVISION, KHURDA
e mail- eekhurdairrigationdivision@gmail.com
A-301
1st Corrigendum to the Procurement Notice No-(KHD)-01 of 2025-26
Due to typographical error regarding RD of the work and Clause No.08 is hereby modified as follows:

| Procurement Officer | Name of Work | Name of the work modified as | Availability of tender On line for bidding | CiauselVo.08 |
|---|---|---|---|---|
| Superintending Engineer KhurdaIrrigation Division, Khurda | Improvement to Malaguni right embankment from RD 12800 m to RD 12872 m near village- Raktapata. (SI. No.-12) | Improvement to Malaguni right embankment from RD 12757m to RD 12829m near village- Raktapata. (SI. No.-12) | 11.30 hours of 12.06.2025 to 17.30 hours 21.06.2025 | Mentioned in revised NIT (attached) |

All other terms & conditions as stipulated in the original tender call Notice stand un-altered.
Encl-Revised NIT
Sd/- Superintending Engineer
Khurda Irrigation Division
Khurda
OIPR-32078/11/0010/2526





## ମୁଖ୍ୟମନ୍ତ୍ରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ

# ଓଡ଼ିଶା ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ ଉନ୍ମୋଚିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଷଷ୍ଠ ରାଜ୍ୟ ଅର୍ଥ କମିଶନ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ତାଙ୍କର ବହୁମୂଲ୍ୟ ପରାମର୍ଶ ଲୋଡ଼ିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ (https://sfc.odisha.gov.in) ଉନ୍ମୋଚନ କରିଛନ୍ତି । ଏହି ୱେବସାଇଟ୍ ନିର୍ବାଚିତ ପ୍ରତିନିଧି, ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ସଂଗଠନ, ସାମାଜିକ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପରାମର୍ଶ / ମତାମତ ଆହ୍ୱାନ କରିବା ପାଇଁ ବିକଶିତ କରାଯାଇଛି । ଏହି ୱେବସାଇଟ୍‌ରେ ଜନସାଧାରଣଙ୍କ ସୂଚନା ପାଇଁ ପୂର୍ବ ଏବଂ ବର୍ତ୍ତମାନର ରାଜ୍ୟ ଅର୍ଥ କମିଶନ, ଅଧ୍ୟୟନ ରିପୋର୍ଟ, ପୂର୍ବ ରାଜ୍ୟ ଅର୍ଥ କମିଶନ ର ରିପୋର୍ଟ ଇତ୍ୟାଦିର ବିବରଣୀ ମଧ୍ୟ ରହିଛି ।

ଏହି ବୈଠକରେ, ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଷଷ୍ଠ ରାଜ୍ୟ ଅର୍ଥ କମିଶନର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକ, କମିଶନ ର ସଦସ୍ୟ ସଚିବ ଡକ୍ଟର ସତ୍ୟ ପ୍ରିୟ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ ମାନ୍ୟବର ରାଜ୍ୟପାଳ, ଭାରତୀୟ ସମ୍ବିଧାନର ଧାରା ୨୪୩-ଓ ଏବଂ ଧାରା ୨୪୩-ଣ ଅନୁଯାୟୀ, ଡକ୍ଟର ଅରୁଣ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି, ଯାହା ୧ ଏପ୍ରିଲ, ୨୦୨୬ ଠାରୁ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କଠାରୁ ସ୍ଥାନୀୟ ନିକାୟ ସଂସ୍ଥା (ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ)ଗୁଡିକୁ ସମ୍ବଳ ହସ୍ତାନ୍ତର ପାଇଁ ସୁପାରିଶ କରିବେ ।

## ଲିଙ୍ଗଭିତ୍ତିକ ହିଂସା ଏବଂ ପୀଡିତାମାନଙ୍କ ମାନସିକ ଆଘାତ ଯତ୍ନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

# ମହିଳା ସୁରକ୍ଷା କ୍ଷେତ୍ରରେ ପୋଲିସମାନଙ୍କୁ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭା ଗୃହରେ ଲିଙ୍ଗଭିତ୍ତିକ ହିଂସା ଏବଂ ପୀଡିତାମାନଙ୍କ ମାନସିକ ଆଘାତ ଯତ୍ନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲିଙ୍ଗଭିତ୍ତିକ ହିଂସା ପ୍ରତି ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି ବୋଲି ଦୃଢ ମତ ରଖିଥିଲେ । ସଖୀ-ୱାନ ଷ୍ଟପ ସେଣ୍ଟର ଭଳି କେନ୍ଦ୍ରମାନଙ୍କରେ ରହୁଥିବା ପୀଡିତମାନଙ୍କ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଆତ୍ମବିଶ୍ୱାସକୁ ପୁନର୍ଜୀବିତ କରି ବଞ୍ଚିବାର ରାହା ପ୍ରଦାନ କରିବାକୁ ସେ ମତ ପ୍ରକାଶ କରିଥିଲେ । ଲିଙ୍ଗଭିତ୍ତିକ ହିଂସା ସହ ଜଡ଼ିତ କେସଗୁଡିକୁ ସମ୍ବେଦନଶୀଳ ଭାବେ ସମାଧାନ କରିବା ପାଇଁ ସେ ପୋଲିସ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଶ୍ରୀମତୀ ଶୁଭା ଶର୍ମା, ପ୍ରମୁଖ ଶାସନ ସଚିବ, ମହିଳା ଶିଶୁ ବିକାଶ ବିଭାଗ ତଥା ଅଧକ୍ଷ, ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଲିଙ୍ଗଭିତ୍ତିକ ହିଂସାକୁ ରୋକିବା ନିମନ୍ତେ ରାଜ୍ୟସରକାରଙ୍କ ସମସ୍ତ ବିଭାଗକୁ ସମନ୍ୱୟରେ କାର୍ଯ୍ୟ କରିବାକୁ ପଡିବ ବୋଲି ସେ ଉଲ୍ଲେଖ କରିଥିଲେ । କେବଳ ସହାନୁଭୂତି ନୁହେଁ ପୀଡ଼ିତାମାନଙ୍କ ମନକୁ ବୁଝି ସେମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା, ପୋଲିସ ମହାନିରୀକ୍ଷକ, ଶ୍ରୀମତୀ ସାଇନି ଏସ. ନିଜ ପରିବାର ସଦସ୍ୟଙ୍କ ଦ୍ୱାରା ମହିଳାମାନଙ୍କ ପ୍ରତି ବଢୁଥିବା ହିଂସାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ଏଥିପାଇଁ ସମାଜର ମନୋଭାବରେ ପରିବର୍ତ୍ତନର ଆବଶ୍ୟକତା ଅଛି ବୋଲି ସେ ଦୃଢ ମତ ରଖିଥିଲେ । ୟୁଏନଏଫପିଏ ଇଣ୍ଡିଆ ରିପ୍ରେଜେଣ୍ଟେଟିଭ ଓ କଣ୍ଟ୍ରି ଡିରେକ୍ଟର, ଭୁଟାନ, ମିସ ଆନ୍ଦ୍ରିୟା ଏମ. ୱଜନର ଓଡ଼ିଶାରେ ମହିଳା ସଶକ୍ତିକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଲିଙ୍ଗଭିତ୍ତିକ ହିଂସା ଲୋପ କରିବା ନିମନ୍ତେ ସେ ସାମୁହିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି କର୍ମଶାଳାରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସମାଜସେବୀ ତଥା ହାଇଦ୍ରାବାଦସ୍ଥିତ ପ୍ରଜ୍ୱଳା ସାମାଜିକ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀମତୀ ସୁନିତା କ୍ରିଷ୍ଣନ କାର୍ଯ୍ୟକ୍ରମରେ ସମ୍ବଳ ବ୍ୟକ୍ତି ଭାବେ ଯୋଗଦାନ କରି ବିଶେଷ ଉପସ୍ଥାପନା ସହ ଅଂଶଗ୍ରହଣକାରୀ ମାନଙ୍କୁ ଏହି ପ୍ରସଙ୍ଗରେ ସୂଚନା ପ୍ରଦାନ କରିବା ସହ ବିଶଦ ଆଲୋଚନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ପ୍ରମୁଖ ବ୍ୟକ୍ତିବିଶେଷ, ଅନୁଷ୍ଠାନର କର୍ମକର୍ତ୍ତା, ନୀତି ପ୍ରସ୍ତୁତକାରୀ, ଆଇନଜୀବୀ, ପରାମର୍ଶ ସେବା ପ୍ରଦାନକାରୀ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଜିଲ୍ଲା ସୁରକ୍ଷା ଅଧିକାରୀ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, ସଖୀ-ୱାନ ଷ୍ଟପ ସେଣ୍ଟର ଓ ଶକ୍ତି ସଦନର କର୍ମକର୍ତ୍ତା, ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧିକାରୀବୃନ୍ଦ ଆଦି ଉପସ୍ଥିତ ଥିଲେ ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରକାରୀ ଓ ବେସରକାରୀ...

ରଜ ଶୁଭେଚ୍ଛା ଜଣାଇ ଉଦବୋଧନ ଦେଇ କହିଥିଲେ ଯେ, ସରକାରୀ ଚାକିରୀ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ। ତେଣୁ ନିଜକୁ ଜନସାଧାରଣଙ୍କ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ ଆପଣ ମାନେ କାମ କରିବେ ବୋଲି ମୋର ଆଶା ଓ ବିଶ୍ୱାସ । ସରକାରୀ ସ୍ତରରେ ଆପଣଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ନିଷ୍ପତ୍ତି ଓ କାର୍ଯ୍ୟ ଜନମଙ୍ଗଳ ଉପରେ ଯେପରି ଆଧାରିତ ହେବ ସେଥିପ୍ରତି ଆପଣ ମାନେ ଯତ୍ନବାନ ହେବେ ।

ସେ ପୁଣି କହିଥିଲେ, ବିଗତ କିଛି ବର୍ଷ ଧରି ସରକାରୀ କ୍ଷେତ୍ରରେ ନିଯୁକ୍ତି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିଲା। ଆମ ସରକାର ଆସିବା ପରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଯୁବ ଶକ୍ତିଙ୍କ ନିୟୋଜନକୁ ଗୁରୁତ୍ୱଦେଇ ଅପାର ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ । ଆମ ସରକାର ୫ ବର୍ଷରେ ଦେଢ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛି । ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ଆଜି ସୁଦ୍ଧା ୨୮,୩୪୬ ସରକାରୀ ନିଯୁକ୍ତି ଦିଆଗଲାଣି । ଏହା ଆମ ପାଇଁ ଏକ ଐତିହାସିକ ଉପଲବ୍ଧି । ୨୦୨୬ ଜୁନ ସୁଦ୍ଧା ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟ ୬୫ ହଜାର ଅତିକ୍ରମ କରିଯାଇଥିବାରୁ କେବଳ ସରକାରୀ ସ୍ତରରେ ନୁହେଁ, ବେସରକାରୀ ସ୍ତରରେ ପ୍ରଥମ ବର୍ଷରେ ଆମେ ୪୫ ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଇଛୁ । ଗୋଟିଏ ବର୍ଷ ମଧ୍ୟରେ ଆମେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣଙ୍କୁ ନିଯୁକ୍ତି ଦେଇଛୁ।

ସେ ଆହୁରି କହିଥିଲେ, ଯୁବ ଶକ୍ତିକୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ ଆମ ସରକାରଙ୍କ ଦ୍ୱାରା କ୍ରମାଗତ ଭାବେ ଆଗେଇ ଚାଲିଛି। ଯୁବ ଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି । ଶିଳ୍ପାୟନ ମାଧ୍ୟମରେ ମଧ୍ୟ ଆମେ ଯୁବ ଶକ୍ତିଙ୍କ ପାଇଁ ଆଣିଛୁ ବିପୁଳ ନିଯୁକ୍ତି ସୁଯୋଗ । ଉତ୍କର୍ଷ ଓଡିଶା ୨୦୨୫ ରାଜ୍ୟରେ ୧୬ଟି କ୍ଷେତ୍ରରେ ୧୭ ଲକ୍ଷର ପୁଞ୍ଜିନିବେଶ ସହ ୧୨.୯୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଉତ୍କର୍ଷ ଓଡିଶା ଆୟୋଜନର ୫ ମାସ ମଧ୍ୟରେ ୫୬ଟି ଶିଳ୍ପାନୁଷ୍ଠାନର ଉଦଘାଟନ ଓ ଭିତ୍ତିପ୍ରସ୍ତର ଦିଆଯାଇଛି । ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ନିଶ୍ଚିତ ହୋଇଛି।

ସେ ପୁଣି କହିଥିଲେ, ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ, ପାରଦର୍ଶୀ ଓ ଦୁର୍ନୀତିମୁକ୍ତ କରିବା ପାଇଁ କଡା ଆଇନ ପ୍ରଣୟନ କରାଯାଇଛି । ଶେଷରେ ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତଙ୍କୁ ସମାଜ ଓ ରାଜ୍ୟର ବିକାଶ ପାଇଁ ସମସ୍ତେ ଦୁର୍ନୀତିରୁ ଉର୍ଦ୍ଧ୍ୱରେ ରହି ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟର ସଫଳ ରୂପାୟନ ପାଇଁ ଦୃଢ ପ୍ରତିବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ବିଭିନ୍ନ ବିଭାଗର ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଆମ ସମୃଦ୍ଧ ଓଡିଶା ଗଠନରେ ଆପଣ ମାନଙ୍କଭଳି ଯୁବ ପ୍ରତିଭାଙ୍କ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କହିଥିଲେ ଯେ ଭଗବାନଙ୍କ କରୁଣାରୁ ଆପଣ ମାନେ ନିଯୁକ୍ତି ପାଇଛନ୍ତି । ଭଗବାନଙ୍କ ସେହି କରୁଣାକୁ ଜନସେବାରେ ଉପଯୋଗ କରିବା ପାଇଁ ସେ ଉପଦେଶ ଦେଇଥିଲେ।

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଲେ ଯେ ଓଡିଶା ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଆଗକୁ ବଢୁଛି, ଆପଣ ମାନଙ୍କ ଜ୍ଞାନ ଓ ବୁଦ୍ଧିର ପ୍ରୟୋଗରେ ଓଡିଶା ଶୀର୍ଷକୁ ଯିବ, ସେଥିପାଇଁ ଆପଣ ମାନେ ସଂକଳ୍ପବଦ୍ଧ ହୋଇ କାମ କରିବେ ବୋଲି ମୋର ବିଶ୍ୱାସ।

ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନବ ନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଆମ ସରକାର ଖାଲି ଥିବା ସରକାରୀ ପଦବୀ ଗୁଡିକୁ ପୂରଣ କରିବା ଲକ୍ଷ୍ୟନେଇ କାମ ଆରମ୍ଭ କରିଥିଲେ। ଏହି ବର୍ଷକ ମଧ୍ୟରେ ଆମେ ଯେତିକି ସରକାରୀ ପଦବୀ ପୂରଣ କରିଛୁ ସ୍ୱାଧୀନତା ପରେ ଓଡିଶା ଇତିହାସରେ ଏହା କେବେ ହୋଇ ନଥିଲା । ନବ ନିଯୁକ୍ତଙ୍କୁ ଆହ୍ୱାନ ଦେଇ କହିଥିଲେ ଓଡିଶା ବିକାଶ ରଥର ଡୋରି ଆପଣ ମାନଙ୍କ ହାତରେ ଅଛି । ଆପଣ ମାନେ ବିକାଶ ରଥକୁ ସଫଳତାର ସହ ପରିଚାଳନା କରିବେ ବୋଲି ମୋର ବିଶ୍ୱାସ ।

କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ନବ ନିଯୁକ୍ତ ଶିବଲାଲ କିଶନ, ଜଳ ସମ୍ପଦ ବିଭାଗର ଅନୁସୟା ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବି. ପ୍ରବୋଧ ରଞ୍ଜନ ପାତ୍ର ଓ ସନ୍ଧ୍ୟାରାଣୀ ସାହୁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଚଣ୍ଡୀପ୍ରସାଦ ମିଶ୍ର ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଆଦ୍ୟାଶ ସିଂ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସମୟାନୁଭିତ୍ତିକ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ...

ନବସୃଜନ, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ଏଆଇ, ଆଇଟି ସେବା, ପର୍ଯ୍ୟଟନ ଏବଂ ଯାନବହାନ ଚଳାଚଳ ପ୍ରଭୃତି କ୍ଷେତ୍ରର ପ୍ରତିନିଧିମାନେ ଏହି ଅଂଶଗ୍ରହଣକାରୀଙ୍କ ଭିତରେ ସାମିଲ ଥିଲେ।

## ୨୦ରେ ଖୋଲିବ ...

ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସବୁ ଜିଲ୍ଲାର ଶିକ୍ଷାଧିକାରୀଙ୍କୁ ଚିଠି ଦିଆଯାଇଛି । ସ୍କୁଲ ଖୋଲିବା ପରେ ପୁଣି ମିଳିବ ମଧ୍ୟାହ୍ନ ଭୋଜନ । ପ୍ରବଳ ଖରାକୁ ଦେଖି ରାଜ୍ୟରେ ସ୍କୁଲ ବନ୍ଦ ରହିଛି । ରାଜ୍ୟରେ ଖରାଛୁଟି ବଢିବ କି ନାହିଁ ସେ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜର ପ୍ରତିକ୍ରିୟାରେ ଏହି ସୂଚନା ଦେଇଛନ୍ତି। ସ୍କୁଲରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଭଲ ଖାଦ୍ୟ ମିଳିବ। ଯେମିତି ସ୍ୱାସ୍ଥ୍ୟକର ପରିବେଶ ଭିତରେ ଉତ୍ତମ ଖାଦ୍ୟ ମିଳିବ ତା ଉପରେ ଗୁରୁତ୍ୱ ଦେଇଛନ୍ତି ସରକାର। ଏନେଇ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସବୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ଚିଠି କରିଛନ୍ତି। ସ୍କୁଲରେ ପିଲାଙ୍କ ମିଡ ଡେ ମିଲକୁ ନେଇ ଅନେକ ସମୟରେ ଅଭିଯୋଗ ହୋଇଥାଏ। କେଉଁଠି ପାଣିଆ ଡାଲି କଥା ଉଠେ ତ ଆଉ କେଉଁଠି ପୋକରା ଚାଉଳରେ ଭାତ କଥା ଆସେ । ଏହାକୁ ରୋକିବା ପାଇଁ ଏବେ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରି ଜଣାଇଛନ୍ତି । ସ୍କୁଲ ଖୋଲିବା ପୂର୍ବରୁ ରୋଷେଇ ସ୍ଥାନ ପରିଷ୍କାର କରିବା ସହ ମାନ ପରୀକ୍ଷଣ ପାଇଁ ରେଜିଷ୍ଟର ରଖିବାକୁ ନିର୍ଦ୍ଦେଶ ଦେଇଛି ଗଣଶିକ୍ଷା ବିଭାଗ। ବିଶେଷ କରି ମଧ୍ୟାହ୍ନ ଭୋଜନ ମାନ ପରଖିବେ ଅଭିଭାବକ। ରୋଷେଇ ସାମଗ୍ରୀ ଯାଞ୍ଚ କରିବେ ପ୍ରଧାନଶିକ୍ଷକ। ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ କରିବେ ବୈଠକ। ସ୍କୁଲ୍‌ରେ ରହିବ ମାନ ପରୀକ୍ଷଣ ରେଜିଷ୍ଟର । ସ୍କୁଲ ଖୋଲିବା ପୂର୍ବଦିନ ରୋଷେଇ ସ୍ଥାନ ପରିଷ୍କାର ହେବ। ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହେବେନି କୌଣସି ଛାତ୍ରଛାତ୍ରୀ । ସରକାରଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଅଭିଭାବକ ।

## ସ୍ୱାସ୍ଥ୍ୟ ସଚିବଙ୍କ ...

ଝାଡାବାନ୍ତି ତଥା ଡାଇରିଆରେ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ପରିସ୍ଥିତି ସମୀକ୍ଷା କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱଥି ଏସ କହିଥିଲେ ବର୍ତ୍ତମାନ ସୁଦ୍ଧା ୨୪୦ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି । କାଲି ଓ ଆଜି ମଧ୍ୟ ନୂଆ ରୋଗୀ ଆଡ଼ମିଶନ ହୋଇଛନ୍ତି । ଡାକ୍ତରଙ୍କ ବିନା ଅନୁମତିରେ କୌଣସି ରୋଗୀ ଡାକ୍ତରଖାନା ନ ଛାଡ଼ିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ବିନା ଅନୁମତିରେ ଡିସଚାର୍ଜ ହୋଇ ଯିବା ଦ୍ୱାରା ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିବା ସହିତ ରୋଗୀର ପରିସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ମଧ୍ୟ ରହୁଛି ବୋଲି ଅବଗତ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ କେତେ ବିଶୋଧନ (ଡିସଇନ୍‌ଫେକ୍ସନ୍) କରାଯାଇଛି । ଏହାର ମଧ୍ୟ ସୋମବାର ସମୀକ୍ଷା କରାଯାଇଥିଲା। ନୂଆ ସଂକ୍ରମିତ ଚିହ୍ନଟର କାରଣ କଣ ରହୁଛି ଏହା ଜାଣିବା ପାଇଁ କେନ୍ଦ୍ରୀୟ ଟିମ, ମେଡିକାଲ କଲେଜ ତରଫରୁ କମ୍ୟୁନିଟି ମେଡିକାଲ ଟିମ୍, ରାଜ୍ୟସ୍ତରୀୟ ଆରବିଏସକେ ଟିମ ଅଞ୍ଚଳ ପରିଦର୍ଶନ କରି ତଦାରଖ କରିବା ସହିତ ବିଶୋଧନ ସମ୍ବନ୍ଧରେ ମଧ୍ୟ ତଦାରଖ କରିଛନ୍ତି । ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ରବିବାର ରାତି ୧୧ ଟା ସୁଦ୍ଧା ୨୪୪ ଜଣ ଚିକିତ୍ସିତ ହେଉଥିଲେ। ନୂତନ ଭାବେ ସୋମବାର ୨୨୧ ଜଣ ଆଡମିଟ ହୋଇଥିବା ବେଳେ, ୧୮ ଜଣଙ୍କୁ ରେଫର କରାଯାଇଛି, ୧୮୫ ଜଣଙ୍କୁ ଡିସଚାର୍ଜ କରାଯାଇଛି। ବର୍ତ୍ତମାନ ୨୫୬ ଜଣ ବିଭିନ୍ନ ଡାକ୍ତରଖାନା ଓ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଭେଷଜ ମହାବିଦ୍ୟାଳୟର ଡିନ ତଥା ଅଧକ୍ଷ, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ...

ଲୋକଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଡାଇରିଆ ଏକ ବର୍ଷା ଋତୁକାଳୀନ ଜଳ ବାହିତ ରୋଗ। ଡାଇରିଆ ସ୍ଥିତି ଉପରେ ନଜର ରଖି ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସରକାର ନିରାକରଣ ଓ ପ୍ରତିଷେଧ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଉନ୍ନତ ସ୍ୱାସ୍ଥ୍ୟସେବା, ଆନୁସଙ୍ଗିକ ଉପକରଣ, ଔଷଧ, ଭିତ୍ତିଭୂମି ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହି ଅଭିଯାନ ଆଜି ଠାରୁ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଲିବ। ଡାଇରିଆ ନିରାକରଣ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତା ସହ ସମ୍ମିଳିତ ଉଦ୍ୟମ କରାଯାଉଛି। ହାତ ଧୋଇବା, ପରିଚ୍ଛନ୍ନତା ନିୟମ ପାଳନ କରିବା, ସୁଷମ ଖାଦ୍ୟ ଖାଇବା, ନିରାପଦ ପାଣି ପିଇବା, ଜଳ ଉତ୍ସକୁ ବିଶୋଧିତ ରଖିବା ବାହାରେ ମଳତ୍ୟାଗ ନ କରିବା ଆଦି ଅଭ୍ୟାସ ଦ୍ୱାରା ଆମେ ବହୁଭାବରେ ଡାଇରିଆ ରୋଗର ପ୍ରତିରୋଧ କରିପାରିବା। ସଚେତନତା ଓ ସାବଧାନତା ମାଧ୍ୟମରେ ନିଜେ ସୁସ୍ଥ ରହିବା ସହ ଆମ ପରିବାର ଏବଂ ପଡୋଶୀ ମାନଙ୍କୁ ସୁରକ୍ଷିତ ରଖିପାରିବା।

## ୨୦୨୭ ଜନଗଣନା...

ଗଣମାଧ୍ୟମ ଜରିଆରେ ଲୋକଙ୍କୁ ଅନୁରୋଧ କରୁଛୁ, ସେମାନଙ୍କ ତଥ୍ୟ ଏକଜୁଟ ରଖନ୍ତୁ। ଯାହା ଜନଗଣନାରେ ସହାୟକ ହୋଇପାରିବ। ଚଳିତ ଜନଗଣନା ପୁରା ଡିଜିଟାଲ ପ୍ରକିୟା/ ମୋବାଇଲ ଆପ୍ ଦ୍ୱାରା ହେବ। ନୂଆ ମୋବାଇଲ ଆପ୍ ମଧ୍ୟ ଆସିବ। ଆଗକୁ ଏ ସମ୍ପର୍କରେ ରାଜ୍ୟ ସରକାର ଜିଲ୍ଲାପାଳମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ।

## ଅଦିନିଆ ରଥଯାତ୍ରା ...

ଏହି ନିଷ୍ପତ୍ତି ପୁରୀର ପାରମ୍ପରିକ ରଥଯାତ୍ରାର ମର୍ଯ୍ୟାଦା ଓ ଧାର୍ମିକ ମହତ୍ତ୍ୱକୁ ସୁରକ୍ଷିତ ରଖିବା ପାଇଁ ନିଆଯାଇଥିବା ଜଣାପଡ଼ିଛି। ସରକାର ଏହାକୁ ଗୁରୁତ୍ୱର ସହ ନେଇ ସମସ୍ତ ସ୍ଥାନରେ କଡ଼ା ନଜର ରଖିଛନ୍ତି।

# ଥାଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗରେ ଶୋକ ପ୍ରକାଶ କଲେ ନବୀନ ପଟ୍ଟନାୟକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଥାଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି. ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ସାନ ଭାଇ, ଥାଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି।

# ଥାଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗରେ ଶୋକ ପ୍ରକାଶ କଲେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଥାଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

ସେ ସୋସିଆଲ ମିଡିଆରେ ଲେଖିଛନ୍ତି. ପୁରୀର ଥାଟରାଜା ରଣାର୍ଣ୍ଣବ ଦେବଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଗଭୀର ଭାବେ ଦୁଃଖିତ ଏବଂ ମର୍ମାହତ। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜ୍ଞାପନ କରୁଛି। ଏହି ଅସହ୍ୟ ଦୁଃଖ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ଧୈର୍ଯ୍ୟ ଓ ଅସୀମଶକ୍ତି ପ୍ରଦାନ କରନ୍ତୁ। ଦିବଂଗତ ଆତ୍ମା ର ଶାନ୍ତି ଓ ସଦଗତି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଅଛି। ଓଁ ଶାନ୍ତି !



# ଗୁଜରାଟରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

**ନୂଆଦିଲ୍ଲୀ :**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଆଜି ଗୁଜରାଟର ଧୋଲେରା ଏବଂ ଲୋଥାଲରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିବା ସହକ୍ଷେତ୍ରସ୍ତରୀୟ ଯାଞ୍ଚ ଏବଂ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଶିଳ୍ପ ଏବଂ ଆର୍ଥିକ ଅଭିବୃଦ୍ଧିରଦୃଷ୍ଟିକୋଣ ସହିତ ସମନ୍ୱିତ। ଡକ୍ଟର ମିଶ୍ର ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ନିର୍ମାଣାଧୀନ ଅହମ୍ମଦାବାଦ-ଧୋଲେରା ଗ୍ରୀନଫିଲ୍ଡ ଏକ୍ସପ୍ରେସୱେ ପରିଦର୍ଶନ କରିଥିଲେ। ଅହମ୍ମଦାବାଦ ଏବଂ ଧୋଲେରା ମଧ୍ୟରେ ଯାତ୍ରା ସମୟକୁ ୪୫ ମିନିଟକୁ ହ୍ରାସ କରିବାଲାଗି ଏକ୍ସପ୍ରେସୱେର ସମ୍ଭାବନା ଉପରେ ସେ ଆଲୋକପାତ କରିଥିଲେ। ବିଶ୍ୱସ୍ତରୀୟ ସଡ଼କ ମାନକ ସହିତ ସମୟୋଚିତପ୍ରକଳ୍ପ କାର୍ଯ୍ୟକାରିତା ଉପରେସେ ଗୁରୁତ୍ୱାରୋପ କରିଥିଲେ। ଧୋଲେରା ସ୍ୱତନ୍ତ୍ର ନିବେଶ କ୍ଷେତ୍ର (ଡିଏସଆଇଆର)ଠାରେ ଡ. ମିଶ୍ର ଧୋଲେରା ଅନ୍ତର୍ଜାତୀୟ ବିମାନ ବନ୍ଦରର ଅଗ୍ରଗତିର ମୂଲ୍ୟାଙ୍କନ କରିଥିଲେ। ଅଧିକାରୀମାନେ ତାଙ୍କୁ ସୂଚନା ଦେଇଥିଲେ ଯେ, ୨୦୨୫ ମସିହା ଅକ୍ଟୋବର ମାସ ସୁଦ୍ଧା ମାଲ ପରିବହନ କାର୍ଯ୍ୟ ଆରମ୍ଭ ହେବ। ସମୟସୀମାକୁ ଅନୁସରଣ କରିବା ଏବଂ ଏକ୍ସପ୍ରେସୱେ ସହିତ ନିରବଚ୍ଛିନ୍ନ ସଂଯୋଗ ସୁନିଶ୍ଚିତ କରିବା ପାଇଁ ସେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡକ୍ଟର ମିଶ୍ର ଘରୋଇ ଚିପ୍ ଉତ୍ପାଦନରେ ଏକ ଫ୍ଲାଗସିପ୍ ପଦକ୍ଷେପ ଟାଟା ଇଲେକ୍ଟ୍ରୋନିକ୍ସର ସେମିକଣ୍ଡକ୍ଟର ଫେବ୍ରିକେସନ୍ (ଫାବ୍) ପ୍ରକଳ୍ପ ନିରୀକ୍ଷଣ କରିଥିଲେ। ସେ ମୋବାଇଲ୍‌ଉପକରଣ, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଅଟୋମୋବାଇଲ୍ ଆପ୍ଲିକେସନ୍ ପାଇଁ ଚିପ୍ ସମେତ ଏହାର ଉତ୍ପାଦନ ପରିସର ସମୀକ୍ଷା କରିଥିଲେ। ସେ ଧୋଲେରା ଇଣ୍ଡଷ୍ଟ୍ରିଆଲ୍ ସିଟି ଡେଭଲପମେଣ୍ଟ ଲିମିଟେଡ୍ (ଡିଆଇସିଡିଏଲ) ଦ୍ୱାରା ବିକଶିତ ସାମାଜିକ ଭିତ୍ତିଭୂମି ପ୍ରକଳ୍ପ-ବିଦ୍ୟାଳୟ, ଡାକ୍ତରଖାନା ଏବଂ ଆବାସିକ କମ୍ପ୍ଲେକ୍ସ ମଧ୍ୟ ପରିଦର୍ଶନ କରିଥିଲେ। ସେ ବ୍ୟବହାରକାରୀଙ୍କ ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଇ ଅଂଶୀଦାରମାନଙ୍କ ମତାମତ ଏକୀକରଣ ପାଇଁ ଆହ୍ୱାନ କରିଥିଲେ। ଡକ୍ଟର ମିଶ୍ର ଡିଆଇସିଡିଏଲ୍, ଡିଆଇଏସିଏଲ୍, ଏନଏଚଏଆଇ, ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ଏବଂ ଭାରତୀୟ ରେଳବାଇର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ। ଅହମ୍ମଦାବାଦ-ଧୋଲେରା ଏକ୍ସପ୍ରେସୱେ, ଭୀମନାଥ-ଧୋଲେରା ମାଲ ପରିବହନ ରେଳ ସଂଯୋଗ, ଅହମ୍ମଦାବାଦ-ଧୋଲେରା ସେମି-ହାଇସ୍ପିଡ ରେଳ ଲାଇନ, ଧୋଲେରା ଅନ୍ତର୍ଜାତୀୟ ବିମାନ ବନ୍ଦର ସମେତ ପ୍ରମୁଖ ପ୍ରକଳ୍ପଗୁଡ଼ିକର ସେ ସମୀକ୍ଷା କରିଥିଲେ। ଶ୍ରୀ ମିଶ୍ର ଧୋଲେରାକୁ ଏକ ବିଶ୍ୱସ୍ତରୀୟ ସ୍ମାର୍ଟ ଶିଳ୍ପ ସହର ଭାବେ ବିକଶିତ କରିବା ଲାଗି ଗୁଜରାଟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସମୟୋଚିତ ଭାବେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା, କୁଶଳୀ ଶ୍ରମଶକ୍ତିର ଉପଲବ୍ଧତା ଏବଂ ସୁଦୃଢ଼ ଯୋଜନାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଡ. ମିଶ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଅଧୀନରେ ଏକ ଫ୍ଲାଗସିପ୍ ପଦକ୍ଷେପ ଜାତୀୟ ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସ (ଏନଏମଏଚସି) ପରିଦର୍ଶନ କରିଥିଲେ। ସେ ସେ ମନ୍ତ୍ରଣାଳୟର ସଚିବ ଶ୍ରୀ ଟି. ରାମଚନ୍ଦ୍ରନ ଏବଂ ମନ୍ତ୍ରଣାଳୟ, ଗୁଜରାଟ ସାମୁଦ୍ରିକ ବୋର୍ଡ, ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ, ଏନଏଚଏଆଇ ଏବଂ ଭାରତୀୟ ରେଳବାଇର ଅନ୍ୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ। ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରି କହିଥିଲେ ଯେ,ଏନଏମଏଚସି ଭାରତର ସାମୁଦ୍ରିକ ଅତୀତ ପ୍ରତି ଏକ ଉପଯୁକ୍ତ ସମ୍ମାନଭାବେ କାର୍ଯ୍ୟ କରିବା ଉଚିତ। ସେ ଗଭୀର ଗବେଷଣା, ଶୈକ୍ଷିକ ସହଯୋଗ ଏବଂ ଏକ ସୁଚିନ୍ତିତ ଯୋଜନାବଦ୍ଧ ପରିଦର୍ଶକ ଅଭିଜ୍ଞତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ମିଶ୍ର ସ୍ଥାନୀୟ ପ୍ରଜାତି ବୃକ୍ଷରୋପଣ ଏବଂ ଜଳ ପରିଚାଳନା ବ୍ୟବସ୍ଥା ସମେତ ପରିବେଶଗତ ଦୀର୍ଘସ୍ଥାୟୀତ୍ୱ ପଦକ୍ଷେପଗୁଡ଼ିକର ସମୀକ୍ଷା ମଧ୍ୟ କରିଥିଲେ। ସେ ଏନଏମଏଚସିର ଅତୁଳନୀୟ ପରିସର ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ହରପ୍ପା ସଭ୍ୟତାରୁ ଭାରତର ସାମୁଦ୍ରିକ ଐତିହ୍ୟକୁ ବର୍ଣ୍ଣନା କରୁଥିବା କଳାକୃତିଗୁଡ଼ିକୁ ସଂଗୃହୀତ କରିବାର ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ । ଡକ୍ଟର ମିଶ୍ର ଛଅଟି ଗ୍ୟାଲେରୀ ସମେତ ପର୍ଯ୍ୟାୟ ଆଇ-ଏର ନିର୍ମାଣ କାର୍ଯ୍ୟ ମଧ୍ୟ ନିରୀକ୍ଷଣ କରିଥିଲେ ଏବଂ ଅଗଷ୍ଟ ୨୦୨୫ସୁଦ୍ଧା ଏହାର ସମାପ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡକ୍ଟର ମିଶ୍ରଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ତରୁଣ କପୁର, ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପସଚିବ ଶ୍ରୀ ମଙ୍ଗେଶ ଘିଲଡିୟାଲ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଦୂଷିତ ଜଳ ଓ ଖାଦ୍ୟ ଯୋଗୁଁ ଡାଇରିଆର ସମ୍ଭାବନା ରହିଥାଏ : ସାଂସଦ

**ପୁରୀ, ନ୍ୟୁଜ ବ୍ୟୁରୋ**

ଆଶା କର୍ମୀ ମାନେ ସ୍ୱାସ୍ଥ୍ୟ ସଚେତନତାର ବ୍ରାଣ୍ଡ ଆମ୍ବାସଡର। ସେମାନଙ୍କ ସେବା ଓ ଲୋକ ମାନଙ୍କୁ ସଚେତନତା ଆମକୁ ସୁସ୍ଥ ରଖିବାରେ ସହାୟକ ହୋଇଛି ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଷ୍ଟପ ଡାଇରିଆ ଅଭିଯାନର ଶୁଭାରମ୍ଭ କରିଥିଲେ ସାଂସଦ ଡା. ପାତ୍ର। ଏହି ଅବସରରେ ସଚେତନତା ପ୍ରଚାର ପତ୍ରକୁ ଉନ୍ମୋଚନ କରି ଡା. ପାତ୍ର ଦୂଷିତ ଜଳ ଓ ଖାଦ୍ୟ ଯୋଗୁଁ ଡାଇରିଆର ସମ୍ଭାବନା ରହିଥାଏ ବୋଲି କହିଥିଲେ। ବର୍ତ୍ତମାନ ଯାଜପୁର ଜିଲ୍ଲା ସହ ଅନ୍ୟ କେତେକ ଜିଲ୍ଲାରେ ଡାଇରିଆର ପ୍ରକୋପ ଦେଖା ଦେଇଛି ।ଆମେ ସମସ୍ତେ ବର୍ତ୍ତମାନ ଠାରୁ ସତର୍କ ହେଲେ ଓ ଅନ୍ୟ ମାନଙ୍କୁ ସଚେତନ କରାଇଲେ ଡାଇରିଆକୁ ପ୍ରତିହତ କରିପାରିବା। ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲାର ବିଭିନ୍ନ ସମ୍ବେଦନଶୀଳ ଅଂଚଳକୁ ଚିହ୍ନଟ କରିବା ସହ ସମସ୍ତ ଜଳ ଉତ୍ସ ବିଶୋଧନ କରାଇବା, ଓଆରଏସ, ହାଲୋଜିନ, ଜିଙ୍କ ଇତ୍ୟାଦି ବଂଟନ ଓ ବ୍ୟବହାର ସମ୍ପର୍କରେ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଆଶା କର୍ମୀ ମାନେ ତୃଣମୂଳ ସ୍ତରରେ ଜଣେ ଜଣେ ଶ୍ରେଷ୍ଠ ସୈନିକ। ସେମାନଙ୍କ ମାଧ୍ୟମରେ ଆମେ ସ୍ୱାସ୍ଥ୍ୟ ସେବାକୁ ଅଧିକ ସକ୍ରିୟ କରି ପାରିବା। ଆଜିର ବିଜ୍ଞାନ ଓ ବୈଷୟିକ ଦକ୍ଷତା ସମୟରେ ଆମେ ସୋସିଆଲ ମିଡ଼ିଆ ମାଧ୍ୟମରେ ମଧ୍ୟ ସଚେତନତା ସୃଷ୍ଟି ସହ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ସମ୍ପର୍କରେ ସାଧାରଣରେ ସୂଚିତ କରିବାକୁ ଡା. ପାତ୍ର ପରାମର୍ଶ ଦେଇଥିଲେ। ସିଡିଏମଓ ଡା. ଅକ୍ଷୟ କୁମାର ଶତପଥୀ ଜିଲ୍ଲାରେ ଡାଇରିଆର ସ୍ଥିତି, ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ, ସଚେତନତା ସୃଷ୍ଟି ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏଡିଏମଓ ଡା ବିନୋଦ କୁମାର ରଥ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜଗତସିଂହପୁର ଲୋକସଭା ସାଂସଦ ଙ୍କ ପ୍ରତିନିଧି ରାକେଶ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଭୁବନେଶ୍ୱର
୧୭ ଜୁନ୍,
ମଙ୍ଗଳବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27


# ଶେଷ ପର୍ଯ୍ୟାୟରେ ପୋଟଳ ନିର୍ମାଣ, ଚାଲିଛି କଳସ ତିଆରି

**ପୁରୀ,୧୬/୦୬ ନ୍ୟୁଜ ବ୍ୟୁରୋ**

ଶ୍ରୀଜୀଉଙ୍କ ରଥ ଯାତ୍ରା ନିମନ୍ତେ ରଥର କଳସ ତିଆରି ଆରମ୍ଭ ହୋଇଛି । ରଥ ଅଗ୍ରଭାଗର ମୁଖ୍ୟ ଅଂଶ 'କଳସ'। ଆଗେ କଳସର ପିଣ୍ଡି କାମ ସରିଲା । ଏବେ ପାଖୁଡ଼ା କାର୍ଯ୍ୟ ହେଲା । ପ୍ରତି କଳସରେ ୩୨ଟି ପାଖୁଡ଼ା ଲାଗୁଛି। ଏଥିସହ ଖଳାରେ ପୋଟଳ କାର୍ଯ୍ୟ ଜାରି ରହିଛି । ବର୍ଷା ଯୋଗୁ ରଥ କାମ ବାଧାପ୍ରାପ୍ତ ହୋଇଛି।

ସୋମବାର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଓ ଭୋଇ ସେବକମାନେ ମିଶି ତିନି ରଥର ମୂଳ କଇଞ୍ଚି ବା ଚାରି ନାହାକା କଇଞ୍ଚି ପକାଇଥିଲେ। ତିନି ରଥରେ ଉଭୟ ପାର୍ଶ୍ୱରେ ଦୁଇଟି ଲେଖାଏଁ କଇଞ୍ଚି ପଡ଼ିଥିଲା। ଏହି କଇଞ୍ଚି ଚାରିନାହାକା ଭିତର ଦୁଇପାର୍ଶ୍ୱରେ ଚାରିନାହାକା ମୂଳରୁ ଗରଗରା ସହ କ୍ରସ୍ କରି ଫିଟିଂ ହୋଇଛି। ଏଥିସହ ପାରା ଭାଡ଼ି ଓ ପୋଟଳ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ରଥ କଳସରେ ପାଖୁଡ଼ା ସଂଯୋଗ ଶେଷ ହୋଇଛି। କଳସରେ ସିଲଭର ପାତ ଫିଟିଂ ପରେ କଳସର ରଙ୍ଗ କାର୍ଯ୍ୟ ଆରମ୍ଭ ହେବ। ଦୁଆର ବେଢ଼ା ପାଇଁ ଚାରିଟି



ଲେଖାଏଁ ଅଁଳା ନିର୍ମାଣ ଶେଷ ହୋଇଛି। ବେଦି ସମ୍ମୁଖ ଭାଗକୁ ଛାଡ଼ି ତିନିପାର୍ଶ୍ୱରେ ତାଗ ବା ବଟନ୍ ବାଡ଼ିଆ ଜାରି ରହିଛି। ରୂପକାର ସେବକମାନେ ତିନି ରଥର ୩୨ଟି ନାଟ ଗୋଡ଼ ମଧ୍ୟରେ ୧୬ଟିରେ ରାହୁ ରୂପ ବା କନ୍ଦର୍ପ ରୂପ ଖୋଦେଇ ଶେଷ କରିଛନ୍ତି। ସେଥିରେ ରଙ୍ଗ କାର୍ଯ୍ୟ ପାଇଁ ଚିତ୍ରକାର ସେବକଙ୍କୁ ଯୋଗାଇ ଦେଇଛନ୍ତି। ବାକି ୧୬ଟି ନାଟ ଗୋଡ଼ରେ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତିରେ ରଙ୍ଗ କାର୍ଯ୍ୟ କରୁଛନ୍ତି। ରଥ ବାହ୍ୟ ଅଂଶ କୋଣ ଗୁଜ, ପଟା ଗୁଜରେ ଧଳା ପ୍ରାଇମର ଦେବାସହ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକ ତିନି ରଥର ଶୁଆ ଫିଟିଙ୍ଗ ପାଇଁ ନାରାଜ କଣ୍ଟା ଓ ପୋଟଳ ପାଇଁ ଜଙ୍ଘା କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦରଜୀ ସେବକମାନେ ତିନି ରଥର କନା କଟିଂ ପରେ ସେଥିରେ ଲେସ ଫିଟିଂ କାର୍ଯ୍ୟ ଜାରି ରଖିଛନ୍ତି। ରଥର ତିନି ପଟେ ତାଗ ବାଡ଼ିଆ ଶେଷ ହୋଇଥିବା କହିଛନ୍ତି ନନ୍ଦିଘୋଷ ରଥ ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର। ନନ୍ଦିଘୋଷ ରଥ ନାହାକାରେ କଇଁଚି ଲାଗିଛି । ରଥଖଳାରେ ପାରାଭାଡ଼ି ତିଆରିଛନ୍ତି ବିଶ୍ୱକର୍ମା । ୬ ଓ ୭ନମ୍ବର ପୋଟଳ ମଝିରେ ପଟା ଲାଗି 'ପାରାଭାଡ଼ି' ତିଆରି ହୋଇଛି । ପୋଟଳ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପାରାଭାଡ଼ିରେ ଚିତ୍ରକରମାନେ ପାରା ଚିତ୍ର ଅଙ୍କନ କରିଥାନ୍ତି। ରଥରେ ବଡ଼ ପୋଟଳ ବସିଥିଲା । ୧୩ ପରସ୍ତ ପୋଟଳ ରଥରେ ଲାଗେ । ରଥରେ ପାରାଭାଡ଼ି ସ୍ଥାପନ ହୋଇ ବାକି ପରସ୍ତ ପୋଟଳ ଲାଗିଲେ ଖପୁରୀ ବସିବ ।

# ଜ୍ୱରରେ କମ୍ପୁଛନ୍ତି ତିନିଠାକୁର
# ଶ୍ରୀଅଙ୍ଗରେ ଲାଗି ହୋଇଛି ଫୁଲୁରୀ ତେଲ

**ପୁରୀ ୧୬/୦୬ ନ୍ୟୁଜ ବ୍ୟୁରୋ**

ଦେବ ସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଅଣସର ଘରେ ଜ୍ୱରରେ ପୀଡିତ ଅଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଅଣସର ଗୃହରେ ଦଇତା ଓ ପତି ମହାପାତ୍ରଙ୍କ ଦ୍ୱାରା ଗୁପ୍ତ ସେବା ଚାଲିଥିବାବେଳେ ଚତୁର୍ଦ୍ଧା ବିଗ୍ରହଙ୍କ ଶ୍ରୀଅଙ୍ଗରେ ସୋମବାର ଲାଗି କରାଯାଇଛି ଫୁଲୁରୀ ତେଲ। ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

ବଡ଼ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଏହି ଫୁଲୁରୀ ତେଲ ଯୋଗାଯାଇଥାଏ। ହେରାପଞ୍ଚମୀ ଦିନ ଶୁଦ୍ଧ ରାଶି ତେଲରେ ଚେରମୂଳି ଓ ସୁବାସିତ ଫୁଲ ପକାଇ ଏକ ପାତ୍ରରେ ରଖି ତାକୁ ମାଟିତଳେ ପୋତା ଯାଇଥାଏ । ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ପଞ୍ଚମୀ ଦିନ ତେଲକୁ ଛଣାଯାଏ । ପରେ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କ ପାଇଁ ପଠାଯାଏ । ବଡ଼ଓଡ଼ିଆ ମଠର ସଦସ୍ୟ ମାନେ ପ୍ରାୟ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିରକୁ ଯାଇ ଦଇତାପତିଙ୍କୁ ଅର୍ପଣ କରିଥାନ୍ତି।

ମଧ୍ୟାହ୍ନଧୂପ ଏବଂ ଦକ୍ଷିଣ ଘର ଭୋଗ ସଂପନ୍ନ ହେବାପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଅଣସର ଦ୍ୱାର ଖୋଲାଯାଇ ପତି ମହାପାତ୍ର ୩ଟି ରୂପା ପିଙ୍ଗଣରେ ତେଲକୁ ନେଇ ସଂସ୍କାର କରିବା ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଛନ୍ତି। ବିଶ୍ୱାସ ରହିଛି ଫୁଲୁରୀ ତେଲ ମହାପ୍ରଭୁଙ୍କ ଶରୀରରେ ଲେପନ କରାଗଲେ ଶରୀରର ପୀଡ଼ା କମ୍ ହୋଇଥାଏ।




ଅହମଦାବାଦ ଉଡାଜାହାଜ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପାଇଁ ପୁରୀ ସମୁଦ୍ର ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା। (ଫଟୋ : ସମ୍ବାଦ କଳିକା)

# ସାରା ବିଶ୍ୱରେ ସ୍ନାନଯାତ୍ରା-ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳନ କରାଯାଉ

**ପୁରୀ, ୧୬.୦୬ ନ୍ୟୁଜ ବ୍ୟୁରୋ**

ଦେଶ ବାହାରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରାକୁ ନେଇ ଅସନ୍ତୋଷ ପ୍ରକାଶ କଲେ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ । ସାରା ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ତଥା ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳନ କରିବାକୁ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷଙ୍କୁ ପତ୍ର ଲେଖିଛନ୍ତି ଗଜପତି ମହାରାଜା।

ଗଜପତି ମହାରାଜା ନିଜ ପତ୍ରରେ ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଭାରତ ବାହାରେ ବିଭିନ୍ନ ଦେଶର ଇସ୍କନ କେନ୍ଦ୍ର ତଥା ମନ୍ଦିରଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଏବଂ



ରଥଯାତ୍ରା ଶାସ୍ତ୍ରରେ ଅନୁମୋଦିତ ନ ଥିବା ତିଥିରେ ପାଳନ କରୁଥିବା ନଜରକୁ ଆସିଅଛି । ଏହା ସମ୍ପୂର୍ଣ୍ଣ ରୂପେ ଶାସ୍ତ୍ର ବିରୋଧୀ କାର୍ଯ୍ୟ । ବିଭିନ୍ନ ଇସ୍କନ ମନ୍ଦିର ପକ୍ଷରୁ ଇଣ୍ଟରନେଟରେ ଏସମ୍ପର୍କରେ ଦିଆଯାଇଥିବା ଘୋଷଣାନାମାକୁ ମଧ୍ୟ ଚିଠି ସହିତ ସଂଲଗ୍ନ କରାଯାଇଅଛି ।

ଗଜପତି ମହାରାଜା ପତ୍ରରେ ଲେଖିଛନ୍ତି ଯେ, ଗତ ମାର୍ଚ୍ଚ ୨୦ ତାରିଖରେ ଭୁବନେଶ୍ୱର ଠାରେ ହୋଇଥିବା ଆଲୋଚନା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ଦୃଢ଼ ଭାବେ ଇସ୍କନର ଯୁକ୍ତିକୁ ଖଣ୍ଡନ କରିବା ସହ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା କେବଳ ଜ୍ୟେଷ୍ଠ-ପୂର୍ଣ୍ଣିମା ତିଥି ( ଏବର୍ଷ ଜୁନ୍ ୧୧ ତାରିଖ) ପାଳନ ହୋଇପାରିବ ଏବଂ ଆଷାଢ ଶୁକ୍ଳ ଦ୍ୱିତୀୟ (ଏବର୍ଷ ଜୁନ୍ ୨୭ ତାରିଖ ) ଠାରୁ ଆଷାଢ ଶୁକ୍ଳ ପକ୍ଷ ଦଶମୀ (ଏବର୍ଷ ଜୁଲାଇ ୫ ତାରିଖ) ପବିତ୍ର ନଅ ଦିନ ମଧ୍ୟରେ ହିଁ ରଥଯାତ୍ରା (ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବାହୁଡାଯାତ୍ରା) ପାଳନ କରାଯାଇ ପାରିବ ବୋଲି ସ୍ପଷ୍ଟ ଭାବେ କହିଥିଲେ । ମହାପ୍ରଭୁଙ୍କ ସବୁଠାରୁ ପବିତ୍ର ଏହି ଯାତ୍ରା ଅନ୍ୟ ତିଥି କିମ୍ବା ତାରିଖରେ ପାଳନ କରାଯିବା ଦ୍ୱାରା ଶାସ୍ତ୍ର ତଥା ପବିତ୍ର ଶ୍ରୀଜଗନ୍ନାଥ ପରମ୍ପରା ଉଲ୍ଲଂଘନ ହେବ । ଏନେଇ ଗବେଷକମାନଙ୍କ ବିସ୍ତୃତ ଶାସ୍ତ୍ର ସମ୍ମତ ମତ ଖୁବଶୀଘ୍ର ଇସ୍କନକୁ ପଠାଯିବ ।

ତେଣୁ ସମଗ୍ର ବିଶ୍ୱରେ କୌଣସି ଇସ୍କନ କେନ୍ଦ୍ର କିମ୍ବା ମନ୍ଦିରରେ ଶାସ୍ତ୍ର ସମ୍ମତ ତିଥି/ତାରିଖ ବ୍ୟତିରେକ ଅନ୍ୟ ଦିନ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ଯେପରି ପାଳିତ ହୁଏ, ତାହା ନିଶ୍ଚିତ କରିବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିଶନ ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସଙ୍କୁ କହିଛନ୍ତି ଗଜପତି ମହାରାଜା।

# ଡାଇରିଆ ସଙ୍କଟ : ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



**ଭୁବନେଶ୍ୱର, ୧୬/୦୬ ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ସଙ୍କଟ ଦେଖା ଦେଇଛି । ଅନେକ ଲୋକ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି । ଯାଜପୁର ଏବଂ କେନ୍ଦୁଝରରେ ଝାଡାବାନ୍ତି ବ୍ୟାପି ଥିବାର ଖବର ଆସିବା ମାତ୍ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଦକ୍ଷେପ ନେଇଛନ୍ତି । ତୁରନ୍ତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ଡାଇରିଆ ସଙ୍କଟକୁ ନେଇ ଚିନ୍ତାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସୋସିଆଲ ମିଡିଆରେ ମୋହନ ସରକାରଙ୍କୁ ଟାର୍ଗେଟ କରିଥିଲେ ବିଜେଡି ସଭାପତି। ଯାଜପୁର ଏବଂ କେନ୍ଦୁଝରରେ ଝାଡାବାନ୍ତି ବ୍ୟାପି ଥିବାର ଖବର ଆସିବା ପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଜିଲ୍ଲାର ସବୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ହାଇ ଆଲର୍ଟ ମୋଡରେ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ଯାଜପୁର ଜିଲ୍ଲାର ସମସ୍ତ ପାନୀୟ ଜଳ ଉତ୍ସକୁ ଯଥାଶୀଘ୍ର ବିଶୋଧନ, ଅନ୍ୟାଦେଶ ପର୍ଯ୍ୟନ୍ତ ରାସ୍ତାକଡ ଖାଦ୍ୟ ଉପରେ କଟକଣା, ଖାଦ୍ୟ ସୁରକ୍ଷା ଯାଞ୍ଚକୁ କଡାକଡି କରିବା ପାଇଁ ପଦକ୍ଷେପ ନିଆଯାଉଛି । ପଡୋଶୀ ଜିଲ୍ଲାକୁ ଯେପରି ଏହି ରୋଗ ନ ବ୍ୟାପିବ ସେଥିପାଇଁ ସେମାନଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଉଛି। ଝାଡାବାନ୍ତି ରୋଗକୁ ନିୟନ୍ତ୍ରଣରେ ଆଣିବା ପାଇଁ ଯଥେଷ୍ଟ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ, ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି । ରୋଗ ଆରମ୍ଭ ସମୟରୁ ହିଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରୁ ଡାକ୍ତରୀ ଦଳ ଯାଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ପରିସ୍ଥିତି ଉପରେ ନଜର ରଖିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲାର ଡାକ୍ତର ଓ ଅନ୍ୟ ଅଧିକାରୀମାନଙ୍କ ସହ ନିୟମିତ ଆଲୋଚନା କରି ସ୍ଥିତି ଉପରେ ନଜର ରଖିଛନ୍ତି । ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ରାଜ୍ୟ ସରକାରଙ୍କୁ ଝାଡାବାନ୍ତି ନିୟନ୍ତ୍ରଣରେ ସହାୟତା କରିବା ପାଇଁ କେନ୍ଦ୍ର ସରକାରଙ୍କ "ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦର ଟିମ୍ ମଧ୍ୟ ଓଡ଼ିଶା ଆସିଥିଲେ ବୋଲି ସେ କହିଛନ୍ତି।

# ଏଆଇ ଦ୍ୱାରା ମିଳିବ ପାଣିପାଗର ପୂର୍ବାନୁମାନ: ମୃତ୍ୟୁଞ୍ଜୟ ମହାପାତ୍ର

**ଭୁବନେଶ୍ୱର, ୧୬/୦୬ ନ୍ୟୁଜ ବ୍ୟୁରୋ**

ପାଣିପାଗ ପୂର୍ବାନୁମାନରେ ସହଯୋଗ କରିବ ଆର୍ଟିଫିସିଆଲ ଇଣ୍ଟେଲିଜେନସ (ଏଆଇ)। ଏଆଇ ପ୍ରୟୋଗରେ ମିଳିବ ପାଣିପାଗର ସଠିକ୍ ଆକଳନ ଏବଂ ଆଗୁଆ ଅପଡେଟ । ଏନେଇ ଆରମ୍ଭ ହୋଇଛି ଏଆଇ ପ୍ରୟୋଗ । ଗବେଷଣା ଚାଲିଛି ଯାହା ଦ୍ୱାରା ପାଣିପାଗର ସଠିକ ଆକଳନ କରାଯାଇପାରିବ । ଏନେଇ ସୂଚନା ଦେଇଛନ୍ତି ଭାରତୀୟ ପାଣିପାଗ ବିଭାଗର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର । ମିଳିତ ଜାତିସଂଘ ପକ୍ଷରୁ ଭାରତ ପାଣିପାଗ ବିଭାଗର ମହା ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ସସକାୱା ଆୱାର୍ଡ଼ ମିଳିବା ପରେ ଛୁଟୁଛି ଶୁଭେଚ୍ଛାର ସୁଅ । ଏନେଇ ଭୁବନେଶ୍ୱର ଗସ୍ତରେ ଥିବା ସମୟରେ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପାଣିପାଗରେ ଏଆଇର ପୂର୍ବାନୁମାନକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି,'ବର୍ତ୍ତମାନ ସମୟରେ ପାଣିପାଗରେ ଏଆଇ ପ୍ରୟୋଗ କରାଯିବ। ପୂର୍ବାନୁମାନ ମଧ୍ୟ ଏଆଇ ଜରିଆରେ ଦିଆଯିବ । ଯାହା ଦ୍ୱାରା



ଜନ ସାଧାରଣ ପାଣିପାଗ ସମ୍ବନ୍ଧୀୟ କୌଣସି ବି ଖବର ଆଗୁଆ ପାଇପାରିବେ । ଏନେଇ ଗବେଷଣା ମଧ୍ୟ ଚାଲିଛି । ଭାରତ ବର୍ଷରେ ବିପର୍ଯ୍ୟୟ ରୋକିବା ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ବିଶ୍ୱ ଗ୍ରହଣ କରିଛି । ବାତ୍ୟା କେଉଁଠି, କେତେବେଳେ, ତୀବ୍ରତା କ'ଣ ରହିବ ତା'ର ସୂଚନା ଆଗୁଆ ଦିଆଯାଉଛି। ଫଳରେ ଜିରୋ କାଜୁଆଲିଟିକୁ ବେଶ୍ ଗୁରୁତ୍ୱ ଦିଆଯାଉଛି ।' ସେ ଆହୁରି ମଧ୍ୟ କହିଛନ୍ତି,'ବଜ୍ରପାତର ସଚେତନତା ଆବଶ୍ୟକ । ବଜ୍ରପାତ ଜନିତ ଘଟଣା ପାଇଁ ପାଣିପାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି । ଏନେଇ ଜନ ସଚେତନତାର ଆବଶ୍ୟକ ରହିଛି। କାରଣ ଅଧିକାଂଶ ସମୟରେ ଯେତେବେଳେ କାଳବୈଶାଖୀ ବା ଘୂର୍ଣ୍ଣିଝଡ ଆସିଥାଏ ସେହି ସମୟରେ ବିଜୁଳି ଘଡଘଡି ଓ ବଜ୍ରପାତର ଆକଳନ କରାଯାଏ । ବିଜ୍ଞାନ ମାଧ୍ୟମରେ ଏବେ ଏସବୁ କିଛି ପୂର୍ବାନୁମାନ କରାଯାଇ ସତର୍କତା ସୂଚନା ପ୍ରଦାନ କରାଯାଉଛି । ପାଣିପାଗ ସଠିକ ନିରୁପଣର ସଠିକ ଆକଳନ ସମ୍ପର୍କରେ ମୋସପ ଆପ ଜରିଆରେ ଯେକେହି ଦେଖି ପାରିବ। ସେଥିରେ କେବଳ ଆଗାମୀ ୨୪ ଘଣ୍ଟା ନୁହେଁ ସାତ ଦିନ ପର୍ଯ୍ୟନ୍ତ କିପରି ରହିବ ପାଗ ଏବଂ କ'ଣ ପଦେକ୍ଷପ ନେବେ, ଯାହାଫଳରେ କ୍ଷୟକ୍ଷତି ରୋକାଯାଇ ପାରିବ । ଅଧିକରୁ ଅଧିକ ସଠିକ ଆକଳନ ପାଇଁ ଆହୁରି ଡ୍ରପଲର ରାଡାର ମଧ୍ୟ ଲଗାଇବାକୁ ଲକ୍ଷ୍ୟ ରଖିଛୁ । ୨୦୨୭ରେ ୧୨୬ରାଡାର ବିଭିନ୍ନ ସ୍ଥାନରେ ଲଗାଇ ପାଣିପାଗ ସମ୍ପର୍କିତ ଆଗୁଆ ସୂଚନା ପହଁଞ୍ଚାଇବା ପାଇଁ ଯୋଜନା ଚାଲିଛି।' ସେ ଏହା ମଧ୍ୟ କହିଛନ୍ତି, 'ସୁଇଜରଲ୍ୟାଣ୍ଡ ଜେନେଭାଠାରେ ଜାତିସଂଘ ପକ୍ଷରୁ ଡିଜାଷ୍ଟର ରିସ୍କ୍ ରିଡସ୍କନ ଭଳି ପଦକ୍ଷେପ ପାଇଁ ବିଶ୍ୱର ସମ୍ମାନ ଜନକ ପୁରସ୍କାର ଭାବେ ସସକାୱା ସମ୍ମାନ ପ୍ରଦାନ କରାଯାଇଛି। ଭାରତ ବର୍ଷରେ ବିପର୍ଯ୍ୟୟ ରୋକିବା ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ବିଶ୍ୱ ଗ୍ରହଣ କରିଛି । ବାତ୍ୟା କେଉଁଠି ହେବ, କେତେବେଳେ ହେବ, ତୀବ୍ରତା କ'ଣ ରହିବ ତା'ର ସୂଚନା ଆଗୁଆ ଦିଆଯାଉଛି । ଫଳରେ ଲୋକେ ଆଗୁଆ ସତର୍କ ରହିପାରୁଛନ୍ତି । ଜିରୋ କାଜୁଆଲିଟିକୁ ବେଶ୍ ଗୁରୁତ୍ୱ ଦିଆଯାଇଛି । ବିଜ୍ଞାନ ମାଧ୍ୟମରେ କେମିତି କ୍ଷୟକ୍ଷତି କମ୍ କରାଯାଇ ପରିବ, ତାକୁ ବେଶ୍ ଗୁରୁତ୍ୱ ଦିଆଯାଇଛି ।'

**ଚିତ୍ରକଳା ଦେଖିଲେ, ରଥଖଳା ବୁଲିଲେ ମୁଖ୍ୟ ଶାସନ ସଚିବ**

# ବର୍ଷାରେ ଓଦା ନ ହେବାକୁ ଦେଲେ ପରାମର୍ଶ



**ପୁରୀ,୧୬/୦୬ ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ପୁରୀ ଗସ୍ତରେ ଯାଇ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ । ତାଙ୍କୁ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢୀ ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ସ୍ୱାଗତ କରିଥିଲେ । ଏହି ଅବସରରେ ଶ୍ରୀ ଆହୁଜା ପ୍ରଥମେ ସିଂହଦ୍ୱାରକୁ ଯାଇ ଚିତ୍ର କାରୁକାର୍ଯ୍ୟକୁ ବୁଲି ଦେଖିଥିଲେ । ଠାକୁରଙ୍କ ଅଣସର ନୀତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଧାର୍ଯ୍ୟ ସମୟରେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମାତ୍ର ଠାକୁର ଅଣସର ଘରେ ଥିବାରୁ ଶ୍ରୀ ଆହୁଜା ଶ୍ରୀମନ୍ଦିର ପରିସରକୁ ଯାଇନଥିଲେ । ଗସ୍ତ ସମୟରେ ତାଙ୍କ ଧର୍ମପତ୍ନୀ ଆରତୀ ଆହୁଜା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ରଥଖଳାକୁ ଯାଇଥିଲେ । ତିନି ରଥର ନିର୍ମାଣ କାର୍ଯ୍ୟ ୭୦ ପ୍ରତିଶତ ପହଞ୍ଚିଲାଣି । ଶ୍ରୀ ଆହୁଜା ରଥଖଳାରେ ରଥ ନିର୍ମାଣ ସମ୍ପର୍କରେ ତିନି ରଥ ମୁଖ୍ୟ ବିଶ୍ୱକର୍ମା ଓ ଭୋଇ ସର୍ଦ୍ଦାରଙ୍କ ସହିତ ଆଲୋଚନା କରିଥିଲେ । ଧାର୍ଯ୍ୟ ସମୟ ପୂର୍ବରୁ ରଥନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ବିଶ୍ୱକର୍ମାମାନେ ମତ ଦେଇଥିଲେ । ବର୍ଷା ହେଉଥିବା ସତ୍ତ୍ୱେ ବିଶ୍ୱକର୍ମାମାନେ ରଥ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ଥିବା ଦେଖି ବର୍ଷାରେ ଓଦା ନ ହେବାକୁ ପରାମର୍ଶ ଦେଇଥିଲେ । ବର୍ଷା ଛାଡ଼ିଲା ପରେ ରଥ ନିର୍ମାଣ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୟରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ସୁରକ୍ଷା ଅଧିକାରୀ ଓ ରଥ ତତ୍ତ୍ୱାବଧାରକ ଉପସ୍ଥିତ ଥିଲେ ।

**ଓଡ଼ିଶା ହାଇକୋର୍ଟଙ୍କ ବିରଳ ରେକର୍ଡ**

# ୧୦ଦିନରେ ୧୩୦୦ ମାମଲାର ସମାଧାନ

**କଟକ,୧୬/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟରେ ଗତ ମେ' ୨୦ ତାରିଖରୁ ଆରମ୍ଭ ହୋଇଥିଲା ଗ୍ରୀଷ୍ମ ଅବକାଶ । କେବଳ ଜରୁରିକାଳୀନ ମାମଲାର ଶୁଣାଣି ପାଇଁ ଏହି ଛୁଟି ସମୟରେ ୧୦ ଦିନ ବସିଥିଲା ଅବକାଶକାଳୀନ ଅଦାଲତ। ଏହି ଅଦାଲତରେ ରେକର୍ଡ ୧୩୦୦ଟି ମାମଲାର ଫଇସଲା ହୋଇଛି ଯାହାକି ପୂର୍ବବର୍ଷ ଅପେକ୍ଷା ଯଥେଷ୍ଟ ଅଧିକ। ହାଇକୋର୍ଟ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଛୁଟି ରହିଥିଲେ ମଧ୍ୟ ଅବକାଶକାଳୀନ ଅଦାଲତ ପାଇଁ ଦୁସ୍ଥ, ଅସହାୟ ତଥା ପୀଡ଼ିତମାନଙ୍କୁ ଆଶ୍ୱସ୍ତି ମିଳିପାରିଛି । ଓଡ଼ିଶା ହାଇକୋର୍ଟଙ୍କ ଅବକାଶକାଳୀନ ଅଦାଲତକୁ ଦେଖିଲେ ସ୍ପଷ୍ଟ ହେଉଛି କି ବିଚାରରେ ବା ଶୁଣାଣିରେ କୌଣସି ପ୍ରକାର ଅବକାଶ ବା ବିରାମ ନାହିଁ । କୋର୍ଟରେ ଗ୍ରୀଷ୍ମ ଅବକାଶ ବା ଛୁଟିକୁ ନେଇ ଅନେକ ସମୟରେ ବିଚାର ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠିଥାଏ । ମାସାଧିକାଳ କୋର୍ଟ ବନ୍ଦ ରହୁଥିବାରୁ ପୀଡ଼ିତଙ୍କୁ ନ୍ୟାୟ ମିଳିପାରେ ନାହିଁ ବୋଲି ଅଭିଯୋଗ ହୁଏ । କିନ୍ତୁ ସେହି ଛୁଟି ସମୟରେ ଓଡ଼ିଶା ହାଇକୋର୍ଟର ବିଚାରପତିମାନେ ଅବକାଶରେ ନ ଯାଇ ନିଜର ସାମ୍ବିଧାନିକ ଉତ୍ତରଦାୟିତ୍ୱ ନିର୍ବାହ କରି ପୀଡ଼ିତମାନଙ୍କୁ ନ୍ୟାୟ ପ୍ରଦାନ କରି ଏଭଳି ଅଭିଯୋଗକୁ ଭୁଲ୍ ପ୍ରମାଣିତ କରିଛନ୍ତି । ଗତ ଜୁନ୍ ୧୩ ତାରିଖ ଥିଲା ଶେଷ ଅବକାଶକାଳୀନ ଅଦାଲତ। ଏଥର ମୋଟ୍ ୧୦ ଦିନ ଗ୍ରୀଷ୍ମ ଅବକାଶ ଅଦାଲତ ବସିଥିଲା । ଅର୍ଥାତ୍ ପ୍ରତି ତିନି ଦିନରେ ଥରେ ଅବକାଶକାଳୀନ ଅଦାଲତ ବସିଛି । ଏହି ଅଦାଲତରେ ହାଇକୋର୍ଟର ୧୯ଜଣ ବିଚାରପତିଙ୍କ ମଧ୍ୟରୁ ୧୫ଜଣ ବିଚାରପତି ଡିଭିଜନ୍ ବେଞ୍ଚରେ ହେଉ କିମ୍ବା ସିଙ୍ଗଲ୍ ବେଞ୍ଚ ବା ଏକକ ଭାବେ ହେଉ ବିଭିନ୍ନ ମାମଲାର ଶୁଣାଣି




କରିଥିଲେ । ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ, ଜଷ୍ଟିସ୍ କେ.ଆର.ମହାପାତ୍ର, ଜଷ୍ଟିସ୍ ବିଭୁପ୍ରସାଦ ରାଉତରାୟ, ଜଷ୍ଟିସ୍ ଏସ୍.କେ.ପାଣିଗ୍ରାହୀ, ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ, ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ୍ ଭି. ନରସିଂହ, ଜଷ୍ଟିସ୍ ବି.ପି. ଶତପଥୀ, ଜଷ୍ଟିସ୍ ଏମ୍.ଏସ୍. ରମଣ, ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର, ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ, ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏବଂ ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ବିଭିନ୍ନ ମାମଲାର ଶୁଣାଣି କରିଥିଲେ । ମୋଟ୍ ଉପରେ ୧୮ଟି ଡିଭିଜନ ଏବଂ ଜଣିକିଆ ବିଚାରପତିଙ୍କ ଅଦାଲତ ବସିଥିଲା । ଏହିସବୁ ଅଦାଲତରେ ଜେଲ୍ କ୍ରିମିନାଲ୍ ଅପିଲ୍, ରିଟ୍ ପିଟିସନ୍, ରିଟ୍ ଅପିଲ୍, ନିୟମିତ ଜାମିନ୍, ଆଗୁଆ ଜାମିନ୍ ମାମଲା ଆଦିର ଶୁଣାଣି ହୋଇଥିଲା । ଏଥିସହ କିଛି ଅନ୍ତରୀଣ ପିଟିସନ୍‌ର ଶୁଣାଣି ମଧ୍ୟ ହୋଇଥିଲା। ଏଥିରେ ୧୩୦୦ ମୁଖ୍ୟ ମାମଲାର ସମାଧାନ ହୋଇଛି। ସେହିପରି ୩୫୧ଟି ଅନ୍ତରୀଣ ଆବେଦନ (ଆଇଏ)ର ସମାଧାନ କରାଯାଇଛି । ଗୋଟେ ଗୋଟେ ଦିନ ଗୋଟେ ଗୋଟେ ବେଞ୍ଚରେ ଦେଢ଼ଶହରୁ ଦୁଇଶହ ପର୍ଯ୍ୟନ୍ତ ମାମଲାର ଶୁଣାଣି ହେବା ସହ ସମାଧାନ କରାଯାଇଥିଲା। ହାଇକୋର୍ଟଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ମହୁମାଛି ଆକ୍ରମଣରେ ୭ ଲ୍ୟାମ୍ପ୍‌ସ କର୍ମଚାରୀ ଗୁରୁତର

**ଝରିଗାଁ, ୧୬/୬ ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ବଣଭୋଜି କରୁଥିବା ସମୟରେ ଚନ୍ଦାହାଣ୍ଡି ଲ୍ୟାମ୍ପ୍‌ସର ୭ଜଣ କର୍ମଚାରୀ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ଥିବାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଚନ୍ଦାହାଣ୍ଡି ଲ୍ୟାମ୍ପ୍‌ସର ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଝରିଗାଁ-ଚନ୍ଦାହାଣ୍ଡି ଘାଟିକୁ ବଣଭୋଜି କରିବାକୁ ଯାଇଥିଲେ। ଖାଇବା ସମୟରେ ହଠାତ୍ ମହୁମାଛି ସମସ୍ତଙ୍କୁ ଆକ୍ରମଣ କରିଥିଲା। ପ୍ରାଣ ବିକଳରେ ସମସ୍ତେ ଖାଇବା ଛାଡ଼ି ଏଣେତେଣେ ଧାଇଁଥିଲେ। ପଛରେ ରହିଯାଇଥିବା ୭ଜଣ କର୍ମଚାରୀଙ୍କୁ ମହୁମାଛି ଗୋଡ଼ାଇ ଗୋଡ଼ାଇ କାମୁଡ଼ିଥିଲା।

# ରାଜଧାନୀରେ ବିଏମ୍‌ସି ପକ୍ଷରୁ ଜଳ ନମୁନା ସଂଗ୍ରହ : ବାସିଖାଦ୍ୟ ଯାଞ୍ଚ

**ଭୁବନେଶ୍ୱର, ୧୬/୦୬ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଡାଇରିଆ ଆତଙ୍କ । ଝାଡାବାନ୍ତି ବ୍ୟାପିବା ପରେ ଚେଇଁ ଉଠିଲା ବିଏମସି । ୩ଟି ଜୋନ୍‌ରୁ ଜଳ ନମୁନା ସଂଗ୍ରହ କରିବା ସହିତ ସଚେତନତା ଆରମ୍ଭ କରିଛି । ବିଏମସିର ସର୍ଭେଲାନ୍ସ ଟିମ୍ ଏହି ଯାଞ୍ଚ କରିଛି । କଳିଙ୍ଗ ନଗର ଟ୍ରାଇଡେଣ୍ଟ ଗାଲେକ୍ସି ଆପାର୍ଟମେଣ୍ଟରେ ଝାଡାବାନ୍ତି ବ୍ୟାପିବା ଓ ଜଳ ଦୂଷିତ ହେବା ପରେ ଭୁବନେଶ୍ୱର ମେୟର, କର୍ପୋରେଟର ଓ ଷ୍ଟାଣ୍ଡିଙ୍ଗ କମିଟ ଅଧ୍ୟକ୍ଷ ଆପାର୍ଟମେଣ୍ଟ ଯାଇ ସମୀକ୍ଷା କରିଛନ୍ତି । ଆପାର୍ଟମେଣ୍ଟରେ ଦୂଷିତ ପାଣି ପିଇ ୬୫ ଲୋକ ଗୁରୁତର ଭାବେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଆପାର୍ଟମେଣ୍ଟ ବାସିନ୍ଦା ଭୂତଳ ଜଳ ଉପରେ ନିର୍ଭର କରୁଛନ୍ତି। ୨୦୧୧ରୁ ପ୍ରୋଜେକ୍ଟ ଆରମ୍ଭ ହୋଇଥିବା ବେଳେ ଏବେ ବି ପିଇବା ପାଇଁ ପାଇପ ଲାଇନ ସଂଯୋଗ ହୋଇନି। ବିଲଡର ଜଣଙ୍କ ଜାଣିଶୁଣି ପାଇପ ଲାଇନ ସଂଯୋଗ କରୁନାହାନ୍ତି। ସ୍ୱେରଜ ପାଣି ଆସି ପିଇବା ପାଣିରେ ମିଶିଲାଣି। ଯାହା ଫଳରେ ପାଣି ଦୂଷିତ ହୋଇଛି। ଆପାର୍ଟମେଣ୍ଟ ଭିତରେ ପାଣି ସମ୍ପ ପାଖରେ ଯାଇଛି ଡ୍ରେନ। ଯେଉଁଠାରୁ ପାଇପ ସବୁ ସଂଯୋଗ ହୋଇଛି ଚାରିପଟ ପାଇଖାନା ପାଣି। ଏଭଳି ଦୂଷିତ ପରିବେଶକୁ ନେଇ ଲୋକେ ହନ୍ତସନ୍ତ ହେଉଛନ୍ତି । ଏ ନେଇ ବିଲଡରକୁ ନୋଟିସ କରିଛି ବିଏମସି। ବିଲଡର ଜଣଙ୍କ ବିଡିଏର ନିୟମକୁ ଉଲ୍ଲଂଘନ ହୋଇଥିବା ଜଣାପଡିଛି। ସେପଟେ ରାଜଧାନୀରେ ଖାଦ୍ୟ ନାଁରେ ହୋଟେଲରେ ବିକୁଛନ୍ତି ବିଷ । ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଦେଉଛନ୍ତି ବାସି ଖାଦ୍ୟ। ସମ ହସ୍ପିଟାଲ ଛକ ଓ ପଟିଆ ଅଞ୍ଚଳରେ ଏକାଧିକ ହୋଟେଲେ ଯାଞ୍ଚ ବେଳେ ବାସି ଖାଦ୍ୟ ବିକ୍ରି ହେଉଥିବା ସାମ୍ନାକୁ ଆସିଛି । ଏଠାରେ ବାସି ମଟନ, ସିଝା ଆଳୁ, ଅଟା, ଚାଉମିନି ଫ୍ରିଜରେ ଦେଖିବାକୁ ମିଳିଥିଲା । ସେହିଭଳି ଆଉ ଗୋଟିଏ ହୋଟେଲରୁ ମିଳିଥିଲା ବାସି ମାଛ ଓ ଫୁଡ କଲର । ଏହି ସବୁ ବାସି ଖାଦ୍ୟକୁ ନଷ୍ଟ କରିଥିଲା ବିଏମସି ଫୁଡ ସ୍କ୍ୱାର୍ଡ । ଯାଞ୍ଚ ବେଳେ ଏକାଧିକ ହୋଟେଲରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଫାଇନ ଆଦାୟ ହୋଇଛି ।